# ‘ପ୍ଲାଷ୍ଟିକମୁକ୍ତ ପରିବେଶ ଗଢ’

ବାହାନଗା,୨୩।୯(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁର ପ୍ରାଥମିକ ବିଦ୍ୟାଳୟ ପରିସରରେ ରବିବାର ଧରିତ୍ରୀ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବ୍ଲକର ୧୪ ବିଦ୍ୟାଳୟର ୩୬ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଶିଶୁ ଚିତ୍ରଶିଳ୍ପୀମାନେ ପ୍ଲାଷ୍ଟିକ୍ ମୁକ୍ତ ସଚେତନତାର ବାର୍ତ୍ତା ଦେଇ ଚିତ୍ର ଅଙ୍କନ କରିଥିଲେ। ବରିଷ୍ଠ ଚିତ୍ରଶିଳ୍ପୀ ଭୁବନେଶ୍ୱର ବିକେ ଆର୍ଟ କଲେଜର ଅଧ୍ୟାପକ ଗଜେନ୍ଦ୍ର ପ୍ରସାଦ ସାହୁ ପ୍ରତିଯୋଗିତାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଯୋଗେଶ ଚନ୍ଦ୍ର ପତି, ସାମାଜିକ କର୍ମୀ ବିଜୟ କୁମାର ମହାପାତ୍ର ପ୍ରମୁଖ ଯୋଗଦେଇ ଶିକ୍ଷାନୁଷ୍ଠାନ ସ୍ତରରେ ଛାତ୍ରୀଛାତ୍ରମାନେ ସୁସ୍ଥ ପରିବେଶ ଗଠନ ପାଇଁ ଲୋକଙ୍କୁ ସଚେତନ କରାଇଲେ ଏହାର ପ୍ରଭାବ ସୁଦୂରପ୍ରସାରୀ ହୋଇପାରିବ ବୋଲି ସାହୁ କହିଥିଲେ। ପ୍ଲାଷ୍ଟକମୁକ୍ତ ପରିବେଶ ପାଇଁ ଧରିତ୍ରୀର ପ୍ରୟାସକୁ ଅତିଥିମାନେ ପ୍ରଶଂସା କରି ଆଗାମୀ ଭବିଷ୍ୟତ ପାଇଁ ଏହା ନୂତନ ସମ୍ଭାବନା ସୃଷ୍ଟି କରିଛି ବୋଲି କହିଥିଲେ।

ପ୍ରତିଯୋଗିତାରେ ଭାଗ ନେଇଥିବା ୩୬ ପ୍ରତିଯୋଗୀଙ୍କ ଚିତ୍ରକଳା ଅଭିନବ ଓ ମନମୁଗ୍ଧକର ହୋଇଥିଲା। କେସିଏ ପବ୍ଲିକ୍ ସ୍କୁଲର ଷଷ୍ଠ ଶ୍ରେଣୀ ଛାତ୍ର ଜ୍ୟୋତିର୍ମୟ ଚଣ୍ଡ ରଙ୍ଗତୂଳୀରେ ଜଣେ ଗର୍ଭବତୀ ମହିଳା ଏକ ପ୍ଲାଷ୍ଟିକ ପିଲା ଜନ୍ମ କରିବାକୁ କିଭଳି ଚାହୁଁନାହାନ୍ତି ତାହାର ଚିତ୍ର ଅଙ୍କନ କରି ବଳିଷ୍ଠ ବାର୍ତ୍ତା ଦେଇଥିଲେ। ଏହି ଚିତ୍ରପାଇଁ ସେ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସେହିପରି ବଳରାମପୁରସ୍ଥିତ ଚନ୍ଦ୍ରଶେଖର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ୬ଷ୍ଠ ଶ୍ରେଣୀ ଛାତ୍ର ଗୌତମ ମଲ୍ଲିକ ତାଙ୍କ ଚିତ୍ରରେ ପ୍ଲାଷ୍ଟିକ ବ୍ୟବହାର ଯୋଗୁ ଗୋରୁମାନେ କିପରି ମୃତ୍ୟୁବରଣ କରୁଛନ୍ତି ଏବଂ ସମାଜର କି କ୍ଷତି ହେଉଛି ତାହା ଦର୍ଶାଇ ୨ୟ ସ୍ଥାନ ଅଧିକାର କରିଥିଲେ। ମଣିଭଦ୍ର ନୋଡାଲ ଉଚ୍ଚ ବିଦ୍ୟାଳୟର ଛାତ୍ର ଆଲିପିନା ବଗୁଡାଇ ସାମୁଦ୍ରିକ ମାଛ ଓ ପଶୁପକ୍ଷୀଙ୍କ ଉପରେ ପ୍ଲାଷ୍ଟିକର କି ପ୍ରଭାବ ପଡୁଛି ତାହା ଦର୍ଶାଇଥଲେ। ବିଚାରକଙ୍କ ଦ୍ୱାରା ଏହି ୩ୟ ସ୍ଥାନ ଅଧିକାର କରିଥିଲା।

ପ୍ରତିଯୋଗିତା ଶେଷରେ ପୁରସ୍କାର ବିତରଣୀ ସଭା ଅନୁଷ୍ଠିତ ହୋଇଥିଲା। ଶ୍ରେଷ୍ଠ ବିବେଚିତ ୩ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ ସହ ଅନ୍ୟ ସମସ୍ତଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ଓ ପ୍ରମାଣପତ୍ର ଦିଆଯାଇଥିଲା। ପଣ୍ଡାଶୁଣି ନୋଡାଲ ୟୁପି ସ୍କୁଲର ଛାତ୍ର ତାପସ କୁମାର ମଲ୍ଲିକ ବାୟୁମଣ୍ଡଳରେ ପଲଥିନ୍‌ର କିଭଳି ପ୍ରଭାବ ପଡୁଛି ତାହା ଚିତ୍ରରେ ଦର୍ଶାଇଥିବାରୁ ଏହାକୁ ଅତିଥିମାନେ ମଧ ପ୍ରଶଂସା କରିଥିଲେ। ଏଭଳି ପ୍ରତିଯୋଗିତା ଛାତ୍ରୀଛାତ୍ରଙ୍କ ମନୋବଳକୁ ଦ୍ୱିଗୁଣିତ କରିବ ବୋଲି ଅତିଥିମାନେ କହିଥିଲେ।


ଅତିଥିମାନଙ୍କ ଗହଣରେ ଅଭିଭାବକ ଓ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ର।

**ଧରିତ୍ରୀ ଚିତ୍ରାଙ୍କନ ପ୍ରତିଯୋଗିତା**

- ସଚେତନତାର ବାର୍ତ୍ତା ଦେଲେ ଛାତ୍ରୀଛାତ୍ର
- ଜ୍ୟୋତିର୍ମୟ ୧ମ, ଗୌତମ ୨ୟ, ଆଲିପିନା ୩ୟ

## ବିଜୟଙ୍କୁ ଉପଢୌକନ ଓ ମାନପତ୍ର

ଏଥର ଧରିତ୍ରୀର ଉତ୍ତର ଓଡିଶା ସଂସ୍କରଣର ସ୍ୱନକ୍ଷତ୍ର ଅବସରରେ ସମ୍ମାନିତ ହୋଇଥିବା ବିଜୟ କୁମାର ମହାପାତ୍ର ପ୍ରତିଯୋଗିତା କାର୍ଯ୍ୟକ୍ରମରେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ତାଙ୍କୁ ଉପଢୌକନ ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଚିତ୍ରାଙ୍କନ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ ଧରିତ୍ରୀର ବାହାନଗା ବ୍ଲକ ପ୍ରତିନିଧି ଅରୂପ କୁମାର ଦାସ ଓ ଏଜେଣ୍ଟ ମନୋରଞ୍ଜନ ସାହୁ । ଧରିତ୍ରୀର ବାଲେଶ୍ୱର ଜିଲା ପ୍ରତିନିଧି ମାନସ କୁମାର ବିଶ୍ୱାଳ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଲଛମନଖୁଣ୍ଟା ଜଙ୍ଗଲ ସୁରକ୍ଷା ଚିନ୍ତା

**ରୂପ୍‌ସା, ୨୩।୯ (ଡି.ଏନ.ଏ.):** ରୂପ୍‌ସା ଥାନା ଗଡ଼ପଦା ପଞ୍ଚାୟତ ଲଛମନଖୁଣ୍ଟା ଜଙ୍ଗଲ ସୁରକ୍ଷା ଓ ରକ୍ଷଣାବେକ୍ଷଣ ନିମନ୍ତେ ରବିବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବସ୍ତା ଫରେଷ୍ଟ ବିଟ୍ ଅଫିସରେ ବନବିଭାଗ ତରଫରୁ ଆୟୋଜିତ ବୈଠକରେ ଫରେଷ୍ଟର ପ୍ରହ୍ଲାଦ ନାୟକ ପୌରୋହିତ୍ୟ କରିଥିଲେ। ସରପଞ୍ଚ କାଳିଚରଣ ଯେନା, ବନ ସଂରକ୍ଷଣ ସମିତି ସଭାପତି ଭାଗୀରଥି ନାୟକ, ଉପ-ସଭାନେତ୍ରୀ କୁନି ସିଂ, ସଂଯୋଜକ ଶେଖ ରାଜା, ୱାର୍ଡ଼ସଭ୍ୟା ଲକ୍ଷ୍ମୀ ସିଂ ଓ ସାରଥି ଦାସ, ୱାର୍ଡ଼ସଭ୍ୟ ତପନ ମୁର୍ମୁଙ୍କ ସମେତ ସଭ୍ୟ ଉମେଶ ମହାନ୍ତ, ଶାନ୍ତିଲତା ମହାନ୍ତି, ଶକୁନ୍ତଳା ଦାସ ଅଧିକାରୀ ଓ ସୁନି ସିଂ ପ୍ରମୁଖ ବୈଠକରେ ଯୋଗଦେଇ ଏହି ବିଶାଳ ଜଙ୍ଗଲର ସୁରକ୍ଷା ପାଇଁ ବିଭାଗୀୟ ପଦକ୍ଷେପ ଦିଗରେ ଗୁରୁତ୍ୱାରୋପ କରିଥିଲେ। ୫୦ ହେକ୍ଟର ଜମିରେ ମୂଲ୍ୟବାନ ଚାରାରୋପଣ କରାଯିବାର ନିଷ୍ପତ୍ତି ହୋଇଥିଲା। ବିଭାଗ ତରଫରୁ ପୂର୍ବରୁ ମାପ କରାଯାଇ ଚିହ୍ନଟ ହୋଇଥିବା ଜଙ୍ଗଲ ଏରିଆରେ ପାଚେରି ନିର୍ମାଣ ସାଙ୍ଗକୁ ଏକ ଅଫିସ ଗୃହ ନିର୍ମାଣ ହେବ ବୋଲି ଫରେଷ୍ଟର ସୂଚନା ଦେଇଥିଲେ। ଫରେଷ୍ଟ ଗାର୍ଡ଼ ଜୟଦେବ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

**ସଂକ୍ଷେପରେ**

## ଟୋପି ପିନ୍ଧାକୁ ନେଇ ଚର୍ଚ୍ଚା

**ସଜନାଗଡ଼, ୨୩।୯(ଡି.ଏନ.ଏ.):** ସିପିଏମ୍‌ର ସମର୍ଥକଙ୍କୁ ଭାଜପା କର୍ମୀ ଦଳୀୟ ଟୋପି ପିନ୍ଧାଇବା ଘଟଣା ନେଇ ବିବାଦୀୟ ସ୍ଥିତି ସୃଷ୍ଟି ହୋଇଛି। ବାଲେଶ୍ୱର ଜିଲା ନୀଳଗିରି ସିପିଏମ କାର୍ଯ୍ୟାଳୟଠାରେ ତେଲିପାଳ ଗ୍ରାମର ସିପିଏମ୍‌ର ସମର୍ଥକମାନେ ରାସ୍ତାମୋରମ ପକା କାମ ପାଇଁ ଆଲୋଚନା କରିବା ସକାଶେ ଜଣେ ଭାଜପା କର୍ମୀଙ୍କ ପାଖକୁ ଯାଇଥିଲେ। ଉକ୍ତ କର୍ମୀ ସାହାଯ୍ୟ କରିବାର ପ୍ରତିଶ୍ରୁତି ଦେଇ ସିପିଏମ ସମର୍ଥକଙ୍କୁ ଦଳର ଟୋପି ପିନ୍ଧାଇଥିଲେ। ପରଦିନ ଭାଜପା ଦଳର ମିଶ୍ରଣ ସଭା ଆୟୋଜନ ହେଉଥିବା ପ୍ରଚାରିତ ହୋଇଥିଲା। ସିପିଏମ୍‌ର ନେତୃବୃନ୍ଦ ଏହାକୁ ବିରୋଧ କରି ରବିବାର ଗଣମାଧ୍ୟମ ନିକଟରେ ପ୍ରତିକ୍ରିୟା ରଖିଛନ୍ତି। ସିପିଏମ ପକ୍ଷରୁ କୁହାଯାଇଛି ଯେ, ବଣସୀମା ଅଞ୍ଚଳର ୧୧ନଂ. ଜୋନ୍ ଅଧୀନ ତେଲିପାଳ ପଞ୍ଚାୟତ ଅନ୍ତାଡ଼ାହି ଗ୍ରାମର ଜଣେ ୱାର୍ଡମେମ୍ବରଙ୍କ ସହ ୧୨ଜଣ ସମର୍ଥକ ଗାଁ ରାସ୍ତା ସମସ୍ୟା ନେଇ ଭାଜପା କର୍ମୀଙ୍କ ପାଖକୁ ଯାଇଥିବା ବେଳେ ସେମାନଙ୍କୁ ସାହାଯ୍ୟ ପ୍ରତିଶ୍ରୁତି ଦିଆଯାଇ ଭାଜପା ଟୋପି ପିନ୍ଧାଇ ଦିଆଯିବା ଦୁର୍ଭାଗ୍ୟଜନକ। ଏନେଇ ରବିବାର ନୀଳଗିରି ସିପିଏମ୍ ଅଫିସ୍‌ରେ ଦଳର ରାଜ୍ୟ ସମ୍ପାଦକ ମଣ୍ଡଳୀର ସଭ୍ୟ ନିର୍ମଳ ନାୟକ ଏବଂ ଜିଲା ସମ୍ପାଦକ ଶିଶିର ଭୋଇଙ୍କ ଉପସ୍ଥିତିରେ ବୈଠକ ବସି ଏହାକୁ ନିନ୍ଦା କରାଯାଇଛି।

## ଦୁର୍ଘଟଣାରେ ପ୍ରଧାନ ଶିକ୍ଷକଙ୍କ ଜୀବନ ଗଲା

**ସଜନାଗଡ଼, ୨୩।୯(ଡି.ଏନ.ଏ.):** ନୀଳଗିରି ବ୍ଲକ ସଜନାଗଡ଼ ପଞ୍ଚାୟତ ନୂଆସାହି ଗ୍ରାମର ପ୍ରଧାନଶିକ୍ଷକ ସୋମନାଥ ପାତ୍ର (୪୪) ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ସେ ଜଳେଶ୍ୱର ବ୍ଲକ ଖୁଆଡ଼ ପଞ୍ଚାୟତର ଥିବା ନୂଆଗାଁ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟ କରନ୍ତି। ଶନିବାର ସନ୍ଧ୍ୟାରେ ସେ କାମ ସାରି ଘରକୁ ଫେରୁଥିବା ବେଳେ ରେମୁଣା ଗୋଲେଇ ବିର୍ଲା ଟାୟାର୍ସ ମଝି ରାସ୍ତାରେ ଏକ ଅଜଣା ଗାଡ଼ି ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗି ପ୍ରବଳ ରକ୍ତସ୍ରାବ ହୋଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ବାଲେଶ୍ୱର ଡାକ୍ତରଖାନାକୁ ଆଣିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ସ୍ଥାନାନ୍ତରିତ କରାଯାଇଛି। ଭଦ୍ରକ ପହଞ୍ଚିବା ପୂର୍ବରୁ ତାଙ୍କର ମୃତ୍ୟୁ ହୋଇଯାଇଥିବା ଜଣାପଡିବା ପରେ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ରବିବାର ଅପରାହ୍ନରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା।

## ବୁଥ୍ ଲେବଲ ଅଫିସର ବୈଠକ

**ସୋର,୨୩।୯(ଡ଼ି.ଏନ୍.ଏ.):** ସୋର ବ୍ଲକ ସମ୍ମିଳନୀ କକ୍ଷରେ ବୁଥ୍ ଲେବଲ ଅଫିସରଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଡିଓ ଚାର୍ଲସ ନାୟକଙ୍କ ଅଧକ୍ଷତାରେ ବୈଠକରେ ସଠିକ୍ ଭୋଟର ତାଲିକା ପ୍ରସ୍ତୁତି ନିମନ୍ତେ ଆଲୋଚନା ହୋଇଥିଲା । ଭୋଟର ତାଲିକାରେ ନାମ ସଂଯୋଗ, ସଂଶୋଧନ ଆଦି ନେଇ ସୂଚନା ପ୍ରଦାନ କରାଯାଇଥିଲା। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ସ୍ୱତନ୍ତ୍ର ଦିବସ ଭାବେ ସେପ୍ଟେମ୍ବର ୨୩, ଅକ୍ଟୋବର ୭ ଓ ନଭେମ୍ବର ୨୮ ତାରିଖ ସ୍ଥିର କରାଯାଇଛି। ସମସ୍ତ ବୁଥ୍ ଦାୟିତ୍ୱରେ ଥିବା ଅଧିକାରୀ ଓ ଏହି ତାଲିକା ପ୍ରସ୍ତୁତି କାର୍ଯ୍ୟକ୍ରମରେ ୧୧୭ ଜଣ ବିଏଲ୍‌ଓ ଉପସ୍ଥିତ ରହିବାକୁ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମ ତଦାରଖ କରିବାକୁ ବିଡିଓ, ଏବିଡିଓ, ସହସିଲଦାର, ଅତିରିକ୍ତ ତହସିଲଦାରଙ୍କ ସହ ବ୍ଲକର ଜିପିଓ ଓ ୧୨ ଜଣ ସୁପରଭାଇଜର ଦାୟିତ୍ୱରେ ରହିଛନ୍ତି। ବୈଠକରେ ଏବିଡିଓ ଲକ୍ଷ୍ମୀଧର କିସ୍କୁ ଓ ଜିପିଓ ସୁଧୀର କୁମାର ସାହୁ ଉପସ୍ଥିତ ଥିଲେ।

## ବ୍ୟବସାୟୀଙ୍କ ମୃତ୍ୟୁ

**ରୂପ୍‌ସା,୨୩।୯(ଡି.ଏନ.ଏ.):** ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ରୂପ୍‌ସା ଅଞ୍ଚଳର ପ୍ରଥମ ମାଇକ୍ ଲାଇଟ ବ୍ୟବସାୟୀ ହରେକୃଷ୍ଣ ଦାସ (୭୦)ଙ୍କର ରବିବାର ମୃତ୍ୟୁ ଘଟିଛି। ହରେକୃଷ୍ଣଙ୍କର ଘର ରୂପ୍‌ସା ସାମିଲ ହସନପୁର ଗ୍ରାମରେ। ସେ ଘରେ ଥିବା ବେଳେ ହଠାତ୍ ଛାତି, ମୁଣ୍ଡରେ ଯନ୍ତ୍ରଣା ଅନୁଭବ କରିଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ରୂପ୍‌ସା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ସେ ୧୯୭୦ ମସିହାରୁ ରୂପ୍‌ସା ତଥା ଆଖପାଖ ଅଞ୍ଚଳରେ ପ୍ରଥମେ ମାଇକ, ଲାଇଟ୍ ବ୍ୟବସାୟ କରି ଖ୍ୟାତି ଅର୍ଜନ କରିଥିଲେ।

# ‘ରହସ୍ୟମୟ ଜିଜ୍ଞାସା ବାଟ କଢ଼େଇ ନିଏ’


ଅତିଥିଙ୍କ ଦ୍ୱାରା ମନୋଜ ସାହିତ୍ୟ ଉପରେ ଆଲୋଚନା ସମ୍ବଳିତ ପତ୍ରିକା ‘ମନୋଜାୟନ’ ଉନ୍ମୋଚନ କରାଯାଉଛି।

ବାଲେଶ୍ୱର ଅଫିସ, ୨୩।୯

**‘ମନୋଜାୟନ’ର ପ୍ରଥମ ବାର୍ଷିକ ଉତ୍ସବ**

- କାରୁଣ୍ୟ ଭିତରେ ଆଲୋକର ସନ୍ଧାନ ମନୋଜଙ୍କ ସାହିତ୍ୟର ବିଶେଷତ୍ୱ

ମଣିଷ ମନରେ ଲୁଚି ରହିଥିବା ରହସ୍ୟମୟ ଜିଜ୍ଞାସା ଦିବ୍ୟ ଜୀବନ ଆଡକୁ ବଢିବା ଲାଗି ବାଟ ବଢାଇ ନେଇଥାଏ। ବିଶିଷ୍ଟ ସାହିତ୍ୟିକ ଡ. ମନୋଜ ଦାସ ତାଙ୍କ ରଚନାରେ ଏହି ସତ୍ୟକୁ ରୂପାୟିତ କରି ମଣିଷ ମନର ଲୁକ୍କାୟିତ ଜିଜ୍ଞାସାକୁ ପରିଭାଷିତ କରିଛନ୍ତି। ମଣିଷ ଜୀବନର ରୂପାନ୍ତର ଲାଗି ଏହା ବଳିଷ୍ଠ ଦିଗ୍‌ଦର୍ଶନ ଦେଇ ପାରିଛି ବୋଲି ବାଲେଶ୍ୱରସ୍ଥିତ ଆତିଥ୍ୟ ପ୍ରେକ୍ଷାଳୟ ପରିସରରେ ‘ମନୋଜାୟନ’ର ପ୍ରଥମ ବାର୍ଷିକ ଉତ୍ସବ ଅତିଥି ଓ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି।

ରବିବାର ପୂର୍ବାହ୍ନରେ ଆୟୋଜିତ ଏହି ସାରସ୍ୱତ ଉତ୍ସବରେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ଇଂରାଜୀ ପ୍ରଫେସର ଡ. ଗୁରୁଚରଣ ବେହେରା ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ ସରସ୍ୱତୀ ପୁରସ୍କାର ବିଜୟୀ ମନୋଜଙ୍କ ଉପନ୍ୟାସ ‘ଅମୃତଫଳ’ର ସମ୍ୟକ ମୂଲ୍ୟାୟନ କରିଥିଲେ। ଏହି ଉପନ୍ୟାସ ଆଙ୍ଗିକ ଶୈଷ୍ଠବ ପାଇଁ କିପରି ଓଡ଼ିଆ ସାହିତ୍ୟରେ ଅଦ୍ୱିତୀୟ ତାହା ବର୍ଣ୍ଣନା କରିଥିଲେ। ଡ. ବିଜୟ କୁମାର ଶତପଥୀ, ଉତ୍କଳ ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗର ପ୍ରାକ୍ତନ ପ୍ରଫେସର ମୁଖ୍ୟଅତିଥି ଭାବେ ଯୋଗଦେଇ ମନୋଜଙ୍କ ସାହିତ୍ୟର ରଚନାଶୈଳୀ ଓ ଅନ୍ୟ ବିଭବ ସମ୍ପର୍କରେ ଆଲୋକପାତ କରିଥିଲେ। ମନୋଜଙ୍କ ସଦ୍ୟତମ ପ୍ରକାଶିତ ଉପନ୍ୟାସ ‘ଶେଷ ତାନ୍ତ୍ରିକର ସନ୍ଧାନରେ’ ର ବିଶ୍ଳେଷଣ କରି ଫକୀରମୋହନ ଓ ମନୋଜ ଦାସ କିପରି ଦୁଇଟି ଯୁଗର ପ୍ରବର୍ତ୍ତକ, ଦୁହେଁ ସମୟର ରୂପକୁ ଚିହ୍ନି କାରୁଣ୍ୟ ଭିତରେ କିପରି ଆଲୋକର ସନ୍ଧାନ କରିଛନ୍ତି ତାହା ଅବତାରଣା କରିଥିଲେ।

ଉଲ୍ଲେଖନୀୟ ଯେ, ବାଲେଶ୍ୱର ସହର ଟାଉନହଲ୍ ପରିସରରେ ୨୦୦୧ ନଭେମ୍ବର ୬ ତାରିଖରେ ଆୟୋଜିତ ଏକ ସାରସ୍ୱତ ସମାବେଶରେ ମନୋଜଙ୍କୁ ନାଗରିକ ସମ୍ବର୍ଦ୍ଧନା ସୂଚକ ‘ମନୋଜାୟନ’ ସମ୍ମାନ ପ୍ରଦାନ କରାଯାଇଥିଲା। ଏହି ସ୍ମୃତିକୁ ଉଜ୍ଜୀବିତ ରଖିବା ପାଇଁ ସ୍ୱର୍ଗତ କବି ବ୍ରଜନାଥ ରଥ, ସ୍ୱର୍ଗତ କବି ଚନ୍ଦ୍ର କୁମାର ମହାନ୍ତି ଏବଂ ଡ. ସୁବାସ ଚନ୍ଦ୍ର ପାତ୍ର ମିଳିତ ଭାବରେ ମନୋଜ ଅନୁବାଦ ଏବଂ ତୁଳନାତ୍ମକ ସାହିତ୍ୟର ଅନୁଶୀଳନ ନିମନ୍ତେ ‘ମନୋଜାୟନ’ ପତ୍ରିକା ଉନ୍ମୋଚନ କରିଥିଲେ। ପରେ ଏହାକୁ ଏକ ଅନୁଷ୍ଠାନରେ ପରିଣତ ହୋଇଛି। ୨୦୧୭ ସେପ୍ଟେମ୍ବର ୧୦ ତାରିଖରେ କଲ୍ୟାଣୀ ବିଶ୍ୱବିଦ୍ୟାଳୟର ପ୍ରଫେସର ସୁପ୍ରିୟ ଭଟ୍ଟାଚାର୍ଯ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହାପରେ ଏଥର ଆୟୋଜିତ ‘ମନୋଜାୟାନ’ର ଏହି ପ୍ରଥମ ବାର୍ଷିକ ଉତ୍ସବରେ ପ୍ରାଧ୍ୟାପକ ରବିନାରାୟଣ ଦାଶ ପୌରୋହିତ୍ୟ କରିଥିଲେ। ସଙ୍ଗଠନ ସମ୍ପାଦକ ଡ. ସୁବାସ ଚନ୍ଦ୍ର ପାତ୍ର ସମ୍ପାଦକୀୟ ପାଠ କରିଥିଲେ। ଉପଦେଷ୍ଟା ଡ. ସାନ୍ତ୍ୱନା ହାଲଦାର ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ସାହିତ୍ୟିକ କାଳିପଦ ପଣ୍ଡା ମଞ୍ଚ ଆହ୍ୱାନ ଅବସରରେ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଯୁଗ୍ମ ସମ୍ପାଦକ ଡ. ମାନସ ରଞ୍ଜନ ସାମଲ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ବ୍ୟୋମନାଥ ରଥ । ଅନ୍ୟମାନଙ୍କ ମଧ୍ୟରେ ଡ. ପ୍ରହ୍ଲାଦ ଚରଣ ମହାନ୍ତି, ନିର୍ମଳା ମହାନ୍ତି, ଡ. ଅଭୟ କୁମାର ପଣ୍ଡା, ଡ. ଶିରୀଶ ଚନ୍ଦ୍ର ଜେନା, ଡ. ବଂଶୀଧର ଚୌଧୁରୀ, ଶରତ ଚନ୍ଦ୍ର ଦାସ, ଶରତ ଚନ୍ଦ୍ର ମହାପାତ୍ର, ରଞ୍ଜନ ବାଗ, ସୃଷ୍ଟିଧର ପରିଡ଼ା, ସୈରିନ୍ଦ୍ରୀ ସାହୁ, ମମତା ମହାପାତ୍ର, ଗୋବିନ୍ଦ ପାତ୍ର, ଉମେଶ ଚନ୍ଦ୍ର ନାୟକ, ରତିକାନ୍ତ ବେହେରା, ଡ. ଭାଗବତ ବେହେରା, କବି ବିମଳ ଜେନା, ଡ. ହରିଶ୍ଚନ୍ଦ୍ର ବେହେରା. ଡ. ମଥୁରାନାଥ ହୋତା, କମଳାକାନ୍ତ ଦାଶ, ନିବାରଣ ଜେନା, ଚଣ୍ଡୀଚରଣ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

## ବାହାନଗାରେ ଜାତୀୟ କୃମିନାଶନ ଦିବସ

**ବାହାନଗା,୨୩।୯(ଡି.ଏନ.ଏ.):** ବାହାନଗାସ୍ଥିତ ନୋଡାଲ ହାଇସ୍କୁଲ ପରିସରରେ ଜାତୀୟ କୃମିନାଶନ ଦିବସ ଶନିବାର ଅନୁଷ୍ଠିତ ହୋଇଛି। ଏହି ଅବସରରେ ପ୍ରଧାନ ଶିକ୍ଷକ ପ୍ରବାସ ରଞ୍ଜନ ନାୟକ ପୌରୋହିତ୍ୟ କରି ସ୍ୱାସ୍ଥ୍ୟ ଓ ଶିକ୍ଷା ଉଭୟ ଅଙ୍ଗାଙ୍ଗୀ ଭାବେ ଜଡିତ ବୋଲି ପ୍ରକାଶ କରିଥିଲେ। ମୁଖ୍ୟଅତିଥି ଭାବେ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ରମାକାନ୍ତ ନାୟକ ଯୋଗଦେଇ ଜାତୀୟ କୃମିନାଶନ ଦିବସରେ ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା। ସ୍ୱାସ୍ଥ୍ୟ ବିଭାଗ ଏନଡିଡି ମୁଖ୍ୟ ନରେଶ ଚନ୍ଦ୍ର ଦାଶ ଯୋଗଦେଇ କୃମି ବଟିକା ଓ କୃମି ସିରପ୍ କାହାକୁ ଦିଆଯିବ ସେ ବାବଦରେ ଉପସ୍ଥିତ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ବୁଝାଇଥିଲେ। ପ୍ରଥମ ପର୍ଯ୍ୟାୟରେ ଯେଉଁମାନେ କୃମିନାଶନ ଔଷଧ ଖାଇ ନ ଥିବେ ସେମାନଙ୍କୁ ଦ୍ୱିତୀୟ ପର୍ଯ୍ୟାୟରେ ଆସନ୍ତା ୨୩।୦୧।୨୦୧୮ରିଖରେ ଦିଆଯିବ ବୋଲି ପ୍ରକାଶ କରିଥିଲେ। ଏଥିରେ ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟ ପରିଦର୍ଶକ ଯୋଗଦେଇ ଅଧିକ ସୂଚନା ପ୍ରଦାନ କରିଥିଲେ। ବିଭିନ୍ନ ବିଦ୍ୟାଳୟରୁ ଶିକ୍ଷୟିତ୍ରୀ ଶିକ୍ଷକମାନେ ଯୋଗ ଦେଇଥିଲେ।

- ଜାତୀୟ ଟି-୨୦ ମହିଳା କ୍ରିକେଟ୍

# ବାଲେଶ୍ୱରର ଅଞ୍ଜଳି ମନୋନୀତ

ବାଲେଶ୍ୱର ଅଫିସ, ୨୩।୯

ବାଲେଶ୍ୱରର ମହିଳା କ୍ରିକେଟ୍ ତାରକା ଅଞ୍ଜଳି ସିଂ ଜାତୀୟ ମହିଳା ଟି-୨୦ କ୍ରିକେଟ୍ ପ୍ରତିଯୋଗିତାରେ ଭାଗ ନେବା ପାଇଁ ମନୋନୀତ ହୋଇଛନ୍ତି। ବିସିସିଆଇ ଅଧୀନରେ ଅନୁଷ୍ଠିତ ହେଉଥିବା ୨୩ବର୍ଷରୁ କମ୍ ବର୍ଗର ଟି-୨୦ ଚ୍ୟାଲେଞ୍ଜର୍ ଟ୍ରଫି ନିମନ୍ତେ ‘ଇଣ୍ଡିଆ ରେଡ୍’ ଦଳରେ ସାମିଲ ହେବାରେ ସେ ହେଉଛନ୍ତି ପ୍ରଥମ ବାଲେଶ୍ୱରର ଖେଳାଳି। କର୍ଣ୍ଣାଟକର ମହୀଶୂରଠାରେ ଆସନ୍ତା ଅକ୍ଟୋବର ୪ରୁ ୮ ତାରିଖ ପର୍ଯ୍ୟନ୍ତ ଏହି ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ତାଙ୍କର ଏହି ସଫଳତା ପାଇଁ ସେ ତାଙ୍କ ପ୍ରଶିକ୍ଷକ ଜେସିଏ କ୍ରିକେଟ୍ ଏକାଡ଼େମୀର ଜଗତ ଦାସ ଏବଂ ବାଲେଶ୍ୱର କ୍ରୀଡ଼ା ସଂଘର ସମ୍ପାଦକ ଅଧୀପ ଦାସଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ସେମାନଙ୍କର ମାର୍ଗଦର୍ଶନ ତଥା ଅଭ୍ୟାସ ନିମନ୍ତେ ପରମିଟ୍ ପଡ଼ିଆ ବ୍ୟବହାର କରିବାର ସୁଯୋଗ ସେମାନେ ଦେଇଥିବାରୁ ସେ ଏହି ସଫଳତା ଲାଭ କଲେ ବୋଲି କହିଛନ୍ତି।

ବାଲେଶ୍ୱରର ବିର୍ଲା ଟାୟାର୍ କଲୋନୀରେ ଅଞ୍ଜଳି ରୁହନ୍ତି। ତାଙ୍କ ମା’ ଏଠାରେ ଚାକିରି କରନ୍ତି। ଅଞ୍ଜଳିଙ୍କର ଏହି ସଫଳତାରେ ବାଲେଶ୍ୱରର କ୍ରୀଡ଼ାପ୍ରେମୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ବାଲେଶ୍ୱର ଫକୀରମୋହନ ମହାବିଦ୍ୟାଳୟ ବାଣିଜ୍ୟ ବିଭାଗର ଯୁକ୍ତ ୩ ତୃତୀୟ ବର୍ଷର ଛାତ୍ରୀ ଅଞ୍ଜଳି ଓଡ଼ିଶାରେ ୨୩ ବର୍ଷରୁ କମ୍ ମହିଳା ଟି-୨୦ ଦଳର ଅଧିନାୟିକା ଭାବେ ଦାୟିତ୍ୱ ଗ୍ରହଣ କରି ପ୍ରଥମେ ଚର୍ଚ୍ଚାକୁ ଆସିଥିଲେ। ୫ମ ଶ୍ରେଣୀରେ ପାଠ ପଢୁଥିବା ବେଳୁ ସେ ବିଭିନ୍ନ ଟୁର୍ନାମେଣ୍ଟରେ ଭାଗ ନେଇ ନିଜ ପ୍ରତିଭା ପ୍ରଦର୍ଶନ କରିଛନ୍ତି।


କ୍ରିକେଟର ଅଞ୍ଜଳି ସିଂ।

# ‘ଆଗୋ ମଧୁମତୀ’ ଲୋକାର୍ପିତ

ବାଲେଶ୍ୱର ଅଫିସ, ୨୩।୯

ବାଲେଶ୍ୱର ଫକୀରମୋହନ ସାହିତ୍ୟ ପରିଷଦ ତରଫରୁ ଶନିବାର ସନ୍ଧ୍ୟାରେ ଶାନ୍ତିକାନନଠାରେ କଲ୍ୟାଣୀ ନନ୍ଦଙ୍କ ‘ଆଗୋ ମଧୁମତୀ’ କବିତା ଗ୍ରନ୍ଥ ଉନ୍ମୋଚିତ ହୋଇଯାଇଛି। ପରିଷଦ ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ଏଥିରେ ପୌରୋହିତ୍ୟ କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡ଼େମୀର ପୂର୍ବତନ ସଭାପତି ଡ. ହୁସେନ୍ ରବି ଗାନ୍ଧୀ କବିତା ଗ୍ରନ୍ଥରେ ଭରି ରହିଥିବା ପ୍ରୀତିପୂର୍ଣ୍ଣ କାରୁଣ୍ୟ ରସ ଏହାର ଭାବଧାରାକୁ ସମୃଦ୍ଧ କରିଛି ବୋଲି କହିଥିଲେ। କେନ୍ଦ୍ର ସାହିତ୍ୟ ଏକାଡ଼େମୀ ଉପଦେଷ୍ଟା ମଣ୍ଡଳୀର ସଦସ୍ୟ କବି ବିମଳ ଜେନା ଯୋଗଦେଇଥିଲେ। ଅନ୍ୟତମ ଆଲୋଚକ ଭାବେ ମନ୍ମଥ କୁମାର ସାହୁ କବିତାଗୁଡ଼ିକୁ ବାରମ୍ବାର ପଢ଼ି ତାହାକୁ ପୁନଶ୍ଚ ସଂଶୋଧିତ ଓ ସଂକ୍ଷିପ୍ତ କଲେ ଅଧିକ ଗ୍ରହଣୀୟ ହେବ ବୋଲି ମତ ଦେଇଥିଲେ। କବି କଲ୍ୟାଣୀ ନନ୍ଦ ତାଙ୍କର କବିତା ରଚନାରେ ତାଙ୍କ ମା’ଙ୍କର ପ୍ରଭାବ ରହିଛି ବୋଲି ସ୍ୱୀକାର କରି ଦୁଇଟି କବିତା ଗାୟନ କରି ଶ୍ରୋତାମାନଙ୍କୁ ମୁଗ୍ଧ କରିଥିଲେ।


ଅତିଥିଙ୍କ ଦ୍ୱାରା ‘ଆଗୋ ମଧୁମତୀ’ କବିତା ଗ୍ରନ୍ଥ ଲୋକାର୍ପିତ

# ପୌରାଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧନା


ସମ୍ବର୍ଦ୍ଧନା ସଭାରେ ଅତିଥି ଓ ଗ୍ରାମବାସୀ।

**ବାଲେଶ୍ୱର ଅଫିସ, ୨୩।୯:** ବାଲେଶ୍ୱର ମ୍ୟୁନିସିପାଲିଟି ଅଧୀନରେ ଥିବା ୫ନଂ. ୱାର୍ଡ଼ର ଉନ୍ନତୀକରଣ ପାଇଁ ପୌରାଧ୍ୟକ୍ଷଙ୍କ ଅବଦାନ ଅତୁଳନୀୟ। ପୂର୍ବରୁ ଅବହେଳିତ ହୋଇ ରହିଥିବା ଦେୱାନପାଟଣା ଏସ୍‌ଏସ୍‌ଏସ୍ ଷ୍ଟ୍ରିଟ୍ ତାଙ୍କ ପ୍ରଚେଷ୍ଟାରେ ଆରମ୍ଭ ହୋଇଥିବାରୁ ଗ୍ରାମବାସୀ ରବିବାର ଏକ ସାଧାରଣ ସଭା ଆୟୋଜନ କରି ପୌରାଧ୍ୟକ୍ଷ ଆଲୋକ କୁମାର ସାହୁଙ୍କୁ ରବିବାର ଭବ୍ୟ ସମ୍ବର୍ଦ୍ଧନା ଜଣାଇଛନ୍ତି। ଅନ୍ୟତମ ଅତିଥି ଭାବେ ସଦର ବ୍ଲକ ଅଧ୍ୟକ୍ଷ ନାରାୟଣ ପ୍ରଧାନ ଯୋଗ ଦେଇଥିଲେ। ପୂର୍ବତନ ରସାଳପୁର କଲେଜ ଅଧ୍ୟକ୍ଷ କମଳାକାନ୍ତ ଆଚାର୍ଯ୍ୟ, ସମାଜସେବୀ ସତ୍ୟେନ୍ଦ୍ର ଦାସ, ଯୁବ ସଙ୍ଗଠକ ସବ୍ୟସାଚୀ ଦାସ, ସାମାଜିକ କର୍ମୀ ନବ ବାରିକ, ସନ୍ତୋଷ ବାରିକ, ବିକାଶ ଦାସ ଓ ବିଶ୍ୱଜିତ୍ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ୧୫୧୬ ଜଣଙ୍କୁ ମିଳିଲା ନିଯୁକ୍ତିପତ୍ର

ବାଲେଶ୍ୱର ଅଫିସ/ରେମୁଣା, ୨୩।୯(ଡି.ଏନ.ଏ.)

ବାଲେଶ୍ୱର ରେମୁଣା ବାମପଦାସ୍ଥିତ ନୋସି ବିଜିନେସ ପାର୍କ ପରିସରରେ ଗତ ୨୧ ତାରିଖଠାରୁ ଆରମ୍ଭ ହୋଇଥିବା ୩ ଦିନିଆ ରୋଜଗାର ମେଳା ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଭାରତ ସରକାରଙ୍କ ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରଣାଳୟ ଅଧୀନ ସ୍କିଲ ଇଣ୍ଡିଆ ମିଶନର ଅଂଶବିଶେଷ। ମୁଖ୍ୟଅତିଥି ଭାବେ କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜୁଏଲ ଓରାମ ଯୋଗଦେଇ ମନୋନୀତ ପ୍ରାର୍ଥୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିଛନ୍ତି। ରୋଜଗାର ମେଳାରେ ରାଜ୍ୟ ତଥା ବାହାର ରାଜ୍ୟରୁ ୫୦ରୁ ଊର୍ଦ୍ଧ୍ୱ କମ୍ପାନୀ ଯୋଗଦେଇଥିଲେ। ମୁଖ୍ୟତଃ ବାଲେଶ୍ୱର, ମୟୂରଭଞ୍ଜ, ଭଦ୍ରକ, କେନ୍ଦୁଝର ଜିଲାର ୬୫୦୦ ଯୁବତୀଯୁବକ ଚାକିରି ପାଇଁ ଆବେଦନ କରିଥିଲେ। ସେଥିମଧ୍ୟରୁ ୧୫୧୬ ଜଣଙ୍କୁ ଚୟନ କରାଯାଇଛି।

ରେମୁଣା ବିଧାୟକ ଗୋବିନ୍ଦ ଦାସ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ଯୁବଶକ୍ତିର ବିକାଶ ନିମନ୍ତେ ଭାରତସରକାରଙ୍କର ଏପରି ପ୍ରୟାସକୁ ଭୂୟସୀ ପ୍ରଶଂସା କରିବା ସହ କେନ୍ଦ୍ର ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରଚେଷ୍ଟା ଗର୍ବର ବିଷୟ ବୋଲି ପ୍ରକାଶ କରିଥିଲେ। ଭାଜପା ଜିଲାସଭାପତି ମଦନ ମୋହନ ଦତ୍ତ, ରେମୁଣା ବ୍ଲକ ଚେୟାରମ୍ୟାନ୍ ସୁଶାନ୍ତ ମୋହନ ପଟ୍ଟନାୟକ, ଭାଜପା ବରିଷ୍ଠ ନେତା ସମୀର ମହାନ୍ତି ପ୍ରମୁଖ ମଞ୍ଚାସୀନ ହୋଇ ଏହା ଭାଜପା ସରକାରଙ୍କ ଯୁବଶକ୍ତି ପାଇଁ କର୍ତ୍ତବ୍ୟ ବୋଲି ପ୍ରକାଶ କରିଥିଲେ। ଭାରତ ସରକାରଙ୍କ ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରଣାଳୟ ରାଜ୍ୟ ମୁଖ୍ୟ ରତ୍ନାକର ପାଣିଗ୍ରାହୀ ମେଳାକୁ ସଞ୍ଚାଳନ କରିଥିଲେ।


ରୋଜଗାର ମେଳା ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥି।

**ସରିଲା ରୋଜଗାର ମେଳା**

**ସଂକ୍ଷେପରେ**

## ସନ୍ଧ୍ୟାରେ ବାହାରିଲା ଶୋଭାଯାତ୍ରା

**ବାଲିଆପାଳ, ୨୩।୯ (ଡି.ଏନ.ଏ.):** ଶୁକ୍ରବାର ଦିନସାରା ବାଲିଆପାଳ ଅଞ୍ଚଳରେ ମୁଷଳ ଧାରାରେ ବର୍ଷା ଲାଗିରହିଥିବାରୁ ମୁସଲିମ୍ ସମ୍ପ୍ରଦାୟ ପକ୍ଷରୁ ତାଜିଆ ଶୋଭାଯାତ୍ରା ବାହାରିପାରି ନ ଥିଲା। ସନ୍ଧ୍ୟାରେ ବର୍ଷା କମିବା ପରେ ଜଗତିପୁର ପଞ୍ଚାୟତ ମେଣ୍ଢାପଡ଼ା ବସ୍ତିରୁ ଏକ ବିଶାଳ ଶୋଭାଯାତ୍ରା ବାହାରି ରତାଇ ହାଟ ପର୍ଯ୍ୟନ୍ତ ଯାଇଥିଲା। ଶୋଭା ଯାତ୍ରାରେ ଥିବା ସଂଖ୍ୟାଲଘୁ ସମ୍ପ୍ରଦାୟର ଯୁବକମାନେ ବାଡ଼ି, ଖଣ୍ଡା ଆଦି ଆଖଡ଼ା ଖେଳ ଦେଖାଇଥିଲେ। ଏଥିରେ ମୁସଲମାନ ଭାଇମାନଙ୍କ ସହିତ ହିନ୍ଦୁ ସମ୍ପ୍ରଦାୟର ବହୁ ଲୋକ ସାମିଲ ହୋଇଥିଲେ।

# ବ୍ଲକ ଅଫିସ ଆଗରେ ଗ୍ରାମବାସୀଙ୍କ ଧାରଣା

**ବାଲିଆପାଳ, ୨୩।୯(ଡି.ଏନ.ଏ.)**

ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବିଜୁ ପକ୍କାଘର ଆଦି ଗୃହ ନିର୍ମାଣ କାର୍ଯ୍ୟ ଟାର୍ଗେଟ ପୂରଣ କରିବାରେ ବାଲିଆପାଳ ବ୍ଲକ ଜିଲାରେ ପ୍ରଥମ ହୋଇ ପୁରସ୍କୃତ

**ଗୃହ ନିର୍ମାଣ କରି ବିଲ୍ ମିଳୁନି**

ହୋଇଥିଲା। ଅନେକ ସ୍ଥାନରେ ଗୃହ ନିର୍ମାଣ କାର୍ଯ୍ୟ ଶେଷ କରି ହିତାଧିକାରୀମାନେ ବିଲ୍ ପାଉ ନ ଥିବାବେଳେ ଆଉ କେତେକ ସ୍ଥାନରେ ଅଧାପନ୍ତରିଆ ଗୃହକୁ ସମ୍ପୂର୍ଣ୍ଣ ହୋଇଥିବା ଦେଖାଇ ବିଲ୍ ଉଠାଇ ନିଆଯାଉଥିବା ଅଭିଯୋଗ ହେଉଛି। ଜାମକୁଣ୍ଡା ପଞ୍ଚାୟତର ଶତାଧିକ ଗ୍ରାମବାସୀ ଗ୍ରାମୀଣ ଗୃହ ନିର୍ମାଣ ଯୋଜନାରେ ଗୃହ କାର୍ଯ୍ୟ ସମ୍ପୂର୍ଣ୍ଣ କରି ବିଲ୍ ପାଉ ନ ଥିବା ଅଭିଯୋଗ କରି ଶନିବାର ବିଡିଓଙ୍କ ଅଫିସ୍ ଆଗରେ ଦୀର୍ଘ ସମୟ ଧରି ଧାରଣାରେ ବସିଥିଲେ। ଗ୍ରାମବାସୀଙ୍କ ମଧ୍ୟରେ ଅରୁଣ ଧଳ, ପରେଶ ପ୍ରଧାନ, ବେଣୁଧର ଧଳ, ଗୌରାଙ୍ଗ ରଣା, ମୁରଲୀ ପ୍ରମାଣିକ, ଲମ୍ବୋଦର ସାହୁ, ମଙ୍ଗୁଳି ଦାସ, ମନ୍ମଥ ଧଳ, ବଳରାମ ଧଳ, ନୀଳକଣ୍ଠ ଧଳ, ଦୀପକ ଧଳ, ସୁଶାନ୍ତ ଘଡ଼େଇ, ଗୋପୀନାଥ ରାଉଳ, ପ୍ରଭାକର ସାମଲ, ସଞ୍ଜୟ ଘଡ଼ାଇ, ମାୟାଧର ଗଙ୍ଗାଇ, ସୁଦର୍ଶନ ମଲ୍ଲିକ, ଅନିଲ ଧଳ, ଗଙ୍ଗାଧର ମଙ୍ଗରାଜ, ଅପୂର୍ବ ଦାସ, ପୁରୁଷୋତ୍ତମ ପ୍ରଧାନ, ସର୍ବେଶ୍ୱର ମଲ୍ଲିକ, ସେକ୍ ସହିଦ୍, ସେକ୍ ଇସଲାମ, ସୃଷ୍ଟିଧର ଧଳ ପ୍ରମୁଖ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ବିଡିଓ ମିନତୀ ଜଗଦେବଙ୍କ ଦୃଷ୍ଟି ଆକର୍ଷଣ କରାଯିବାରୁ ଖୁବଶୀଘ୍ର ଏହି ସମସ୍ୟାର ସମାଧାନ କରାଯିବ ବୋଲି କହିଛନ୍ତି।



ବ୍ଲକ୍ ଆଗରେ ଗ୍ରାମବାସୀ ଧାରଣା ଦେଇଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚୋର ମନ ଗଣ୍ଠିରେ**
**ବାବାଜି ମନ କଣ୍ଠିରେ।**
**ବେପାରୀ ମନ ପାଣ୍ଠିରେ।**

ଯିଏ ଚୋରି ଭଳି କିଛି ପାପ ବା ଭୁଲ୍ କାମ କରିଥାଏ ତା' ମନ ସଦାସର୍ବଦା ସେହି ଭୁଲ୍‌ରେ ହିଁ ଘାଣ୍ଟି ଚକଟି ହେଉଥାଏ। କାଳେ ତା'ର ଏପରି କୁକର୍ମ ଅନ୍ୟ ଆଖିରେ ଧରାପଡ଼ି ନ ଯିବ ସେ ନେଇ ମନରେ ବ୍ୟଗ୍ରତା ସୃଷ୍ଟି ହୋଇଥାଏ। ସେହିପରି ବାବାଜି ଭଳି ସାଧୁ ସନ୍ଥଙ୍କ ମନ ଈଶ୍ୱର ସାଧନା ସହ ମାଳା ଜପିବାରେ ଲାଗି ରହିବା ଭଳି ବେପାରୀ ମନ ଅର୍ଥ ପାଖରେ ବନ୍ଧା ପଡୁଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଚାଉଳ ସେରକୁ ତିନି ପରାଣୀ**
**ଆହୁରି ଯାଉଛି ବୋହୂକୁ ଆଣି।**

ଖାଦ୍ୟର ପରିମାଣ ବହୁତ କମ୍ ଅଥଚ ଖାଇବାକୁ ଲୋକ ବହୁତ। ଏପରିସ୍ଥଳେ ଖାଦ୍ୟ ନିଅଣ୍ଟିଆ ପଡ଼ିବା ସୁନିଶ୍ଚିତ। ଯେତେବେଳେ ଖାଦ୍ୟାଭାବ ପରିସ୍ଥିତି ଲାଗି ରହିଥାଏ ସେତେବେଳେ ଅନ୍ୟକୁ ଆଣି ପାଖରେ ରଖିବା ନେଇ ଯୋଜନା ବା ମନସ୍ଥ କରିବା ମୂର୍ଖାମିର ପରିଚୟ ହୋଇଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

## ବିଧାୟକ, ଆଇଆଇସି ଖେଳିଲେ ବାଡିଖେଳ



ମହରମ ଉପଲକ୍ଷେ ବିଧାୟକ ଓ ଆଇଆଇସିଙ୍କ ମଧ୍ୟରେ ଅନୁଷ୍ଠିତ ବାଡିଖେଳ।

**ଖଇରା, ୨୩।୯(ଡି.ଏନ.ଏ.)**

**ତୁଡିଗଡିଆରେ ମହରମ**

ଖଇରା ବ୍ଲକ୍ ତୁଡିଗଡିଆ ନିକଟସ୍ଥ ତେନ୍ତୁଳିଆପଡା ମୁସଲିମ ବସ୍ତିରେ ଶନିବାର ମହରମ ପର୍ବ ପାଳିତ ହୋଇଯାଇଛି। କ୍ରମାଗତ ବର୍ଷା ସତ୍ତ୍ୱେ ବସ୍ତି ସର୍ଦ୍ଦାର ମିର ଆଲ୍ଲାଉଦ୍ଦିନ ଓ ତାଜିଆ ସର୍ଦ୍ଦାର ସାବିର ଖାନଙ୍କ ନେତୃତ୍ୱରେ ଏକ ତାଜିଆ ଶୋଭାଯାତ୍ରା ବସ୍ତିରୁ ବହାରି ତୁଡିଗଡିଆ ବଜାର ପରିକ୍ରମା କରିଥିଲା। ଏଥିରେ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ବିଶିଷ୍ଟ ଅତିଥି ଭାବେ ଯୋଗଦେଇଥିଲେ। ମିର ହବିବ, ମୁନା ସାହା, ଟୁନା ସାହା, ପ୍ୟାରା ସାହା, ମିର ବିଟୁ, ପ୍ରମୁଖ ଅଂଶଗ୍ରହଣ କରି ବାଡି ଖେଳିଥିଲେ। ସନ୍ଧ୍ୟା ୬ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ବାଡି ଖେଳ ହୋଇଥିଲା। ଖଇରା ଥାନା ଅଧିକାରିଣୀ ଲୋପାମୁଦ୍ରା ନାୟକ ଓ ବିଧାୟକଙ୍କ ମଧ୍ୟରେ ଅନୁଷ୍ଠିତ ବାଡି ଖେଳକୁ ଦର୍ଶକ ମନଭରି ଉପଭୋଗ କରିଥିଲେ। ଏହାଛଡା ବ୍ଲକର କ୍ଷିରିପଦା, ମୁସ୍ତଫାବାଦ, ଝିଙ୍କିରିଆ, ଡଗରପଡା, ବରଦାରେ ମୋରମ ହର୍ଷୋଲ୍ଲାସରେ ପାଳିତ ହୋଇଛି।

■ କେନ୍ଦ୍ରମନ୍ତ୍ରୀଙ୍କ ଦ୍ୱାରା ପ୍ରଧାନମନ୍ତ୍ରୀ କୌଶଳ ବିକାଶ କେନ୍ଦ୍ର ଉଦ୍‌ଘାଟିତ

# ମଞ୍ଚକୁ ଡକା ନ ଯିବାରୁ ଠେଲାପେଲା

**ବାହାନଗା, ୨୩।୯(ଡି.ଏନ.ଏ.)**

ବାହାନଗା ବ୍ଲକ ଗୋପାଳପୁର ପଞ୍ଚାୟତରେ ଥିବା ପ୍ରଧାନମନ୍ତ୍ରୀ କୌଶଳ ବିକାଶ କେନ୍ଦ୍ରକୁ ରବିବାର କେନ୍ଦ୍ର ହରିଜନ ଆଦିବାସୀ ମନ୍ତ୍ରୀ ଜୁଏଲ୍ ଓରାମ ଉଦଘାଟନ କରିଛନ୍ତି। ମଧ୍ୟାହ୍ନ ୧୨ଟାରେ ମନ୍ତ୍ରୀ ଓରାମ ହେଲିକପ୍ଟର ଯୋଗେ ଓଡଶାଳସ୍ଥିତ ହେଲିପ୍ୟାଡରେ ଓହ୍ଲାଇଥିଲେ। ସେଠାରୁ ଭାଜପା କର୍ମୀମାନେ ମନ୍ତ୍ରୀଙ୍କୁ ଶୋଭାଯାତ୍ରାରେ ଗୋପାଳପୁରସ୍ଥିତ ପ୍ରଧାନମନ୍ତ୍ରୀ କୌଶଳ କେନ୍ଦ୍ର ନିକଟକୁ ନେଇଥିଲେ। ସେଠାରେ ଉଦ୍‌ଘାଟନ କାର୍ଯ୍ୟକ୍ରମ ପରେ କେତେଜଣ ଯୁବ ଚାଷୀଙ୍କୁ ସମ୍ମାନିତ କରିବା ଉଦ୍ଦେଶ୍ୟରେ ଏକ ସଭା ଆୟୋଜନ କରାଯାଇଥିଲା। ସଭାସ୍ଥଳରେ ମନ୍ତ୍ରୀ ପହଞ୍ଚିବା ପରେ ଅତିଥିମାନଙ୍କୁ ନିମନ୍ତ୍ରଣ କରୁଥିବା ବ୍ୟକ୍ତି ଜଣକ ମନ୍ତ୍ରୀଙ୍କ ସହିତ ଆସିଥିବା ଭାଜପା ଜିଲା ସଭାପତି ମଦନ ମୋହନ ଦତ୍ତ ଓ ରେମୁଣା ବିଧାୟକ ଗୋବିନ୍ଦ ଚରଣ ଦାସଙ୍କୁ ମଞ୍ଚ ଉପରକୁ ନ ଡାକିବାରୁ ଭାଜପା କର୍ମୀମାନେ ଉତ୍ତେଜିତ ହୋଇପଡିଥିଲେ। ସେମାନଙ୍କୁ ରଙ୍ଗତରଙ୍ଗର ମ୍ୟାନେଜିଂ ଡାଇରେକ୍ଟର ଅଭିନଭ ମଦନ ବୁଝାଶୁଝା କରିବାରୁ ତାଙ୍କୁ କର୍ମୀମାନେ ଠେଲାପେଲା କରିବା ସହ ହୋହାଲ୍ଲା କରିଥିଲେ। ପରେ ଭାଜପା ବାଲେଶ୍ୱର ଜିଲା ସଭାପତି ମଦନମୋହନ ଦତ୍ତ, ରେମୁଣା ବିଧାୟକ ଦାସ ଓ ସମୀର ମହାନ୍ତିଙ୍କୁ କେନ୍ଦ୍ର ମନ୍ତ୍ରୀଙ୍କ ସହିତ ମଞ୍ଚ ଉପରକୁ ଡାକିବାରୁ ଭାଜପା କର୍ମୀ ଶାନ୍ତ ପଡିଥିଲେ। ଏହି ଘଟଣା ନେଇ ଉପସ୍ଥିତ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ଏହାପରେ ସଭା ଆରମ୍ଭ ହୋଇଥିଲା। ମୁଖ୍ୟଅତିଥି ଭାବେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ମୁଖ୍ୟବକ୍ତା ଭାବେ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟର ଉପସଭାପତି ପ୍ରଫେସର ଡି.ଏନ. ରାଓଙ୍କ ସମେତ ବାଲେଶ୍ୱର ଜିଲା ଭାଜପା ସଭାପତି ମଦନମୋହନ ଦତ୍ତ ପ୍ରମୁଖ ଯୋଗଦେଇ ମଞ୍ଚାସୀନ ହୋଇଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ କୌଶଳ ବିକାଶ କେନ୍ଦ୍ରର ପ୍ରଶିକ୍ଷଣ ନେଇଥିବା ଚାଷୀମାନଙ୍କୁ ମନ୍ତ୍ରୀ ଓରାମ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମ କୁ ସଂଯୋଜନା କରିଥିଲେ ସୁନନ୍ଦା ଏବଂ ପୂର୍ଣ୍ୟବ୍ରତ। ଉଲ୍ଲେଖଯୋଗ୍ୟ, ଏହାକୁ କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ, କୌଶଳ ବିକାଶ ଦକ୍ଷତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ଥିଲେ ମଧ ଶେଷ ମୁହୂର୍ତ୍ତରେ ତାଙ୍କ ଗସ୍ତ ବାତିଲ ହୋଇଥିଲା।



କେନ୍ଦ୍ରମନ୍ତ୍ରୀଙ୍କ ଉପସ୍ଥିତିରେ ପୁରସ୍କାର ଦିଆଯାଉଛି।

# ଚୋରା ମଦବେପାରର ପେଣ୍ଠସ୍ଥଳ 'ଖରାସାହାପୁର'

**ବାହାନଗା, ୨୩।୯(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଖରାସାହାପୁର ଅଞ୍ଚଳ ଏବେ ଚୋରା ମଦବେପାରୀଙ୍କ ପେଣ୍ଠସ୍ଥଳୀ ପାଲଟିଛି। ଏହି ଅଞ୍ଚଳରେ ଅବାଧରେ ଦେଶୀ ମଦ ଚୋରାରେ ବିକ୍ରି ହେଉଥିଲେ ବି କେହି ପ୍ରତିବାଦ କରୁନାହାନ୍ତି। ଦୈନିକ ସ୍ଥାନୀୟ ଅଞ୍ଚଳରେ ୮୦ ଲିଟରରୁ ଉର୍ଦ୍ଧ୍ୱ ମଦ ବିକ୍ରି ହେଉଛି। ଏଥିପ୍ରତି ଅବକାରୀ ବିଭାଗ କିମ୍ବା ପୋଲିସ ପ୍ରଶାସନର କୌଣସି ନିଘା ନ ଥିବା ସାଧାରଣରେ ଅଭିଯୋଗ ହେଉଛି।

ପୁରୁଣା ବାଲେଶ୍ୱରରୁ ପ୍ରତ୍ୟେକ ସକାଳେ ସଲ୍ଟରୋଡ ଦେଇ ଖନ୍ତାପଡା ଥାନା ଅଧୀନରେ ଥିବା ଶ୍ରୀଜଙ୍ଗ, ଓଡଶାଳ, କଲ୍ୟାଣି, ଶାଳଗାଁ, ନୂଆପୁର, ବାଜିପୁର, ସରସ୍ୱତୀୟା, ପଣପଣା, ସାରଙ୍ଗପୁର, ବରିପଦା, ଅଟାସପୁର, ମହାରୁଦ୍ରପୁର, ଖେରଙ୍ଗ ବଜାର, ଅଭଣା, ବିଷ୍ଣୁପୁର ସମେତ ସୋର ଥାନା ଅଧୀନ ଅଞ୍ଜି ବଜାର, ରମଧା, ଖରାସାହାପୁର ଆଦି ଅଞ୍ଚଳରେ ପ୍ରତ୍ୟେକ ଦିନ ଶହ ଶହ ଲିଟର ଦେଶୀ ମଦ ମୋଟରସାଇକେଲ ଯୋଗେ ବେପାରୀମାନେ ଆଣି ସ୍ଥାନୀୟ ଅଞ୍ଚଳର ଛୋଟ ଛୋଟ ବେପାରୀମାନଙ୍କୁ ଯୋଗାଇଥାନ୍ତି। ବେପାରୀମାନେ ଚୋରାରେ ଏହାକୁ ବିକ୍ରି କରିଥାନ୍ତି। ସ୍ଥାନୀୟ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ସ୍ୱର ଉତ୍ତୋଳନ କଲେ ସେମାନଙ୍କୁ ମଦ ବେପାରୀମାନେ ଧମକଚମକ ଦେଉଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ସୋର ଅବକାରୀ ଥାନା ଅଧିକାରୀ କୁଳମଣି ମହାରଣାଙ୍କୁ ଯୋଗାଯୋଗ କରାଯିବାରୁ ସେ କହିଛନ୍ତି ଯେ, ଆମେ ପର୍ଯ୍ୟାୟକ୍ରମେ ବିଭିନ୍ନ ସ୍ଥାନରେ ଚଢାଉ କରି ମଦବେପାରୀଙ୍କୁ ଧରୁଛୁ ଓ ସେମାନଙ୍କ ନାମରେ ମାମଲା ରୁଜୁ କରୁଛୁ। ତେବେ ଖରାସାହାପୁର ଅଞ୍ଚଳରେ ମଧ୍ୟ ଚଢାଉ କରାଯିବ।

**ଭଦ୍ରକ**

## ଭୋଟର ତାଲିକାରେ ଭିନ୍ନକ୍ଷମଙ୍କୁ ପଞ୍ଜୀକରଣ ପ୍ରତି ଗୁରୁତ୍ୱ

**ଭଣ୍ଡାରିପୋଖରୀ, ୨୩।୯(ଡି.ଏନ.ଏ.):** ଭଣ୍ଡାରିପୋଖରୀ ପଞ୍ଚାୟତ ସମିତି ସମ୍ମିଳନୀ ଗୃହଠାରେ ଭିନ୍ନକ୍ଷମ ଭୋଟରମାନଙ୍କୁ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ କରାଯିବା ନେଇ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଡିଓ ବନମାଳୀ ତରାଇ ଏଥିରେ ଅଧକ୍ଷତା କରିଥିଲେ। ୧୮ବର୍ଷ ହୋଇଥିବା ଭିନ୍ନକ୍ଷମମାନେ କିପରି ଭୋଟର ତାଲିକାରେ ପଞ୍ଜୀକୃତ ହେବେ ଏବଂ ସେମାନେ ବୁଥ୍‌କୁ ଭୋଟ ଦେବା ପାଇଁ ଗଲାବେଳେ ଆବଶ୍ୟକ ବ୍ୟବସ୍ଥା ନେଇ ବୈଠକରେ ଆଲୋଚନା କରାଯାଇଥିଲା। ୧୮ ବର୍ଷ ହୋଇଥିବା ଭିନ୍ନକ୍ଷମଙ୍କୁ ତୁରନ୍ତ ଏଥିରେ ସାମିଲ କରାଯିବାକୁ ପରାମର୍ଶ ଦିଆଯାଇଛି। ଉପଜିଲାପାଳ ସୁଚାରୁ ବଳ, ପଞ୍ଚାୟତ ସମିତି ଉପାଧକ୍ଷ ସତ୍ୟବ୍ରତ ଦାସ, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଶର୍ମିଷ୍ଠା ମଲିକ, ଜନମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ବିଜୟାନନ୍ଦ ରାଉତ, ମୀନକେତନ ବାରିକ ପ୍ରମୁଖ ଯୋଗଦେଇଥିଲେ।

# ପଢ଼ି ଶୁଣାନ୍ତି ଭାଗବତ

■ ଗ୍ରାମ୍ୟ ସଂସ୍କୃତି ସୁରକ୍ଷା ଚିନ୍ତାରେ ନକୁଳ

**ଆରଡ଼ି, ୨୩।୯(ଡି.ଏନ.ଏ.)**

ଦିନ ଥିଲା ଗାଁରେ ଗାଁରେ ଭାଗବତ ଟୁଙ୍ଗୀ ରହିଥିଲା। ପ୍ରତି ସନ୍ଧ୍ୟାରେ ଗ୍ରାମବାସୀ ଜଗନ୍ନାଥ ଦାସଙ୍କ ରଚିତ ଭାଗବତ ଶ୍ରବଣ କରୁଥିଲେ। ପରେ ପରେ ଭାଗବତ ଶ୍ରୀ ବାସୁଦେବ ଭାବେ ପୂଜା ପାଉଥିଲେ। ଏସବୁ ଭାଗବତ ଟୁଙ୍ଗୀ କ୍ରମେ ବନ୍ଦ ହୋଇଯାଇଥିଲେ ବି ଏହାର ପରମ୍ପରାକୁ ବଞ୍ଚାଇ ରଖିବାକୁ ଉଦ୍ୟମ କରି ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ସୁନ୍ଦରପୁର ପଞ୍ଚାୟତ ପରଡ଼ିଆ ଗାଁର ଦଳିତ ପରିବାରରେ ଜନ୍ମିତ ନକୁଳ ମଳିକ ଚର୍ଚ୍ଚାକୁ ଆସିଛନ୍ତି। ସେ ନିଜ ଘରେ ୧୧ଖଣ୍ଡ ଭାଗବତ ରଖି ପଡ଼ିଶାଙ୍କୁ ଡାକି ସନ୍ଧ୍ୟାରେ ଭାଗବତ ପଢ଼ି ଶୁଣାଉଛନ୍ତି। ଅବକ୍ଷୟୀ ଯୁବ ସମାଜ ଭାଗବତ ପଠନ ପ୍ରତି ଧ୍ୟାନ ଦେଲେ ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି ସେ କହନ୍ତି।



ନକୁଳ ମଳିକ।

ନକୁଳ ଗାଁରେ ଚାଷବାସ କରି ପରିବାର ଚଳାଇଥାନ୍ତି। ସ୍ତ୍ରୀ, ୨ ପୁଅ, ଦୁଇ ବୋହୂଙ୍କୁ ନେଇ ତାଙ୍କ ସଂସାର। ୧୬ ବର୍ଷ ହେଲାଣି ବଡ଼ପୁଅ ବନମାଳୀ ନିଖୋଜ ଅଛନ୍ତି। ଏଭଳି ଦୁଃଖ ସତ୍ତ୍ୱେ ପରିଣତ ବୟସରେ ନକୁଳ ଗାଁରେ ପୁରୁଣା ପରମ୍ପରା ବଜାୟ ରଖିବା ଓ ଆଧାତ୍ମିକତା ଚେତନା ସୃଷ୍ଟି ପାଇଁ ଉଦ୍ୟମ ଚଳାଇଛନ୍ତି। ଦଳିତ ପରିବାରରେ ଜନ୍ମ ହୋଇଥିଲେ ବି ପିଲାଦିନୁ ଭାଗବତ ଉପାସନା କରିଆସୁଛନ୍ତି। ସେ କହନ୍ତି, ଆଗରୁ ପ୍ରତି ପରିବାରରେ ଭାଗବତ ପାଠ କରାଯାଉଥିଲା। ଏଥିସହ ଗାଁରେ ସାମୁହିକ ଭାଗବତ ପଠନ ହେଉଥିଲା। ଏହା ସମାଜ ଜୀବନକୁ ସରସ ସୁନ୍ଦର କରୁଥିଲା। ଭାଗବତରେ ବର୍ଣ୍ଣିତ ଉପଦେଶ ବାଣୀ ମଣିଷ ଜୀବନକୁ ବାଟ ଦେଖାଉଥିଲା। ସମୟର ପରିବର୍ତ୍ତନ ମଧ୍ୟରେ ଗାଁଗଣ୍ଡାରେ ଆଉ ଭାଗବତ ଟୁଙ୍ଗୀ ଦେଖିବାକୁ ମିଳୁ ନାହିଁ। ଏହାର ପୁନରୁଦ୍ଧାର ହେଲେ ଗ୍ରାମ୍ୟ ସଂସ୍କୃତିର ସୁରକ୍ଷା ସମ୍ଭବ ହୋଇପାରିବ। ଭାଗବତ ପଠନ ଓ ଶ୍ରବଣ ଦ୍ୱାରା ବ୍ୟକ୍ତିର ଉତ୍ତମ ଚରିତ୍ର ଗଠିତ ହୋଇଥାଏ ବୋଲି ବିଶ୍ୱାସ ରହିଛି। ୭୫ ବର୍ଷୀୟ ନକୁଳଙ୍କ ଶିକ୍ଷାଗତ ଯୋଗ୍ୟତା ୩ୟ ଶ୍ରେଣୀ। ମାତ୍ର ଭାଗବତ ପଠନ ଓ ଏହାର ବ୍ୟାଖ୍ୟା କରିବାରେ ତାଙ୍କର ଅସାଧାରଣ ଦକ୍ଷତା ରହିଛି। ସେ ଦଶମ ଓ ଏକାଦଶ ସ୍କନ୍ଧ ଭାଗବତର ସମସ୍ତ ଅଧ୍ୟାୟକୁ କଣ୍ଠସ୍ଥ କରିପାରିଛନ୍ତି। କାର୍ତ୍ତିକ ଓ ବୈଶାଖ ମାସରେ ଆଖପାଖ ଗାଁରେ ବହୁ ପରିବାର ନିଜ ଘରେ ପୋଥି ବସାଇ ବ୍ରାହ୍ମଣଙ୍କୁ ଡାକି ଭାଗବତ ପଠନ କରିଥାନ୍ତି। ନକୁଳ ସେହି ଦୁଇମାସରେ ନିଜ ଘରେ ୭ ଦିନ ମଧ୍ୟରେ ୧୧ ଖଣ୍ଡ ଭାଗବତ ପଢ଼ି ଲୋକଙ୍କୁ ଭାଗବତ ଚେତନାରେ ଉଦ୍‌ବୁଦ୍ଧ କରିଆସୁଛନ୍ତି। ଭାଗବତ ମନସ୍କ ନକୁଳ ଏଥିଲାଗି ଅଞ୍ଚଳବାସୀଙ୍କ ନିକଟରେ ପ୍ରିୟଭାଜନ ହୋଇପାରିଛନ୍ତି।

## ବିପଦସଙ୍କେତ ତଳେ ବୈତରଣୀ

**ଭଣ୍ଡାରିପୋଖରୀ, ୨୩।୯(ଡି.ଏନ.ଏ.)**

ବୈତରଣୀ ନଦୀର ଜଳସ୍ତର ହ୍ରାସ ପାଇଛି। ରବିବାର ସନ୍ଧ୍ୟା ୬ଟା ସୁଦ୍ଧା ନଦୀର ଆଖୁଆପଦା ଆନିକଟଠାରେ ବନ୍ୟାଜଳ ବିପଦସଙ୍କେତ ତଳେ ଅର୍ଥାତ୍ ୧୭.୬୫ ମିଟରରେ ପ୍ରବାହିତ ହୋଇଥିଲା। ରବିବାର ମଧ୍ୟାହ୍ନ ୧୨ଟାରେ ଜଳସ୍ତର ହ୍ରାସ ପାଇ ବିପଦସଙ୍କେତ ୧୭.୮୩ ମିଟରକୁ ଖସିଥିଲା। ବନ୍ୟା ସ୍ଥିତିରେ ସୁଧାର ଆସିଥିବାବେଳେ କଣ୍ଟିଘାଇ ଏସ୍କେପରୁ ବନ୍ୟାଜଳ ନିଷ୍କାସିତ ହୋଇ ବ୍ଲକର ମାଳଦା, ଷୋଳମପୁର, ରହଣିଆ, କୁରିଗାଁ, ନପଙ୍ଗ ଆଦି ଅଞ୍ଚଳର ଚାଷଜମି ପାଣିରେ ବୁଡି ରହିଛି।

## ଜଗନ୍ନାଥଙ୍କ ବ୍ଲକସ୍ତରୀୟ ଶ୍ରାଦ୍ଧବାର୍ଷିକୀ ସମାରୋହ

**ବାସୁଦେବପୁର, ୨୩।୯(ଡି.ଏନ.ଏ.)**

ବାସୁଦେବପୁର ମିରାକିଲ ପବ୍ଲିକ ସ୍କୁଲ ପରିସରରେ ଡ. ଜଗନ୍ନାଥ ପଟ୍ଟନାୟକ ସ୍ମୃତି କମିଟି ପକ୍ଷରୁ ପ୍ରଫେସର ଡ. ଜଗନ୍ନାଥ ପଟ୍ଟନାୟକଙ୍କ ୧୬ତମ ବ୍ଲକସ୍ତରୀୟ ଶ୍ରାଦ୍ଧବାର୍ଷିକୀ ସମାରୋହ ରବିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ତଥା ସ୍କୁଲ ଅଧକ୍ଷ ଦୁଃଶାସନ ରାଉତ ଏଥିରେ ସଭାପତିତ୍ୱ କରିଥିଲେ। ସ୍ମୃତିସଭାରେ ଅବସରପ୍ରାପ୍ତ ଇଂ. ମାଧବାନନ୍ଦ ଦାସ, ପୂର୍ବତନ ବ୍ଲକ ଅଧକ୍ଷ ନିର୍ମଳ ଚନ୍ଦ୍ର ବେହେରା, ସାମାଜିକ କର୍ମୀ ବୈଲୋଚନ ଜେନା, ଶତ୍ରୁଘ୍ନ ଧନୀ, ମହେଶ ଦାସ, ଅନୁବା ଦଳ, ଅଭିମନ୍ୟୁ ବେହେରା, ଆଇନଜୀବୀ ଗୋବର୍ଦ୍ଧନ ବଳ, ସ୍ମୃତିରଞ୍ଜନ ପଳିତା, ଅଧ୍ୟାପକ ଭାଗୀରଥି ପଲାଇ, ବସନ୍ତ ଦାସ, ରାଜକିଶୋର ବାରିକ, ଓକିଲ ସଂଘ ସଭାପତି ନାରାୟଣ ନାୟକ, ପୂର୍ବତନ ଶିକ୍ଷକ କମଳାକାନ୍ତ କର, ଦୁର୍ଯ୍ୟୋଧନ ବେହେରା, ନିରଞ୍ଜନ ବିଶ୍ୱାଳ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ସ୍ମୃତି କମିଟି ସମ୍ପାଦକ ରାହାସ ବିହାରୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ନୟନଯୋରି ଅବରୋଧ: ନିଷ୍କାସିତ ହୋଇପାରୁନି ପାଣି

**ତିହିଡ଼ି, ୨୩।୯(ଡି.ଏନ.ଏ.):** ତିହିଡ଼ି ତହସିଲ ଅଧୀନ ମୁକୁନ୍ଦପୁର ପଞ୍ଚାୟତ କାଳିମେଘା ମୌଜାରେ ଥିବା ନୟନଯୋରିକୁ କେତେକ ବ୍ୟକ୍ତି ଅବରୋଧ କରିଛନ୍ତି। ଫଳରେ ବର୍ଷାପାଣି ନିଷ୍କାସନ ହୋଇ ନ ପାରି ଚାଷଜମିରେ ଜମି ରହି ଧାନଫସଲ ନଷ୍ଟ ହେଉଥିବା ଅଭିଯୋଗ ହୋଇଛି। କାଳିମେଘା ଗ୍ରାମର ଚାଷୀମାନେ ତହସିଲଦାରଙ୍କୁ ଭେଟି ଏ ସମ୍ପର୍କରେ ଅଭିଯୋଗ କରିଛନ୍ତି। ତୁରନ୍ତ ନୟନଯୋରି ଅବରୋଧ ହଟାଯାଉ ବୋଲି ସେମାନେ ଦାବି ଜଣାଇଛନ୍ତି। ଗତ କିଛିବର୍ଷ ଧରି ଏହି ସମସ୍ୟା ଲାଗି ରହିଥିବାବେଳେ କୌଣସି ପ୍ରତିକାର ବ୍ୟବସ୍ଥା କରାଯାଉ ନାହିଁ ବୋଲି ଗ୍ରାମର ସାଧୁଚରଣ ସେନାପତି, ଦେବେନ୍ଦ୍ର ସେନାପତି, ସୁରେଶ ଚନ୍ଦ୍ର ମହାପାତ୍ର ପ୍ରମୁଖ ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଛନ୍ତି।

## ଶିକ୍ଷାନୁଷ୍ଠାନରେ ଅବ୍ୟବସ୍ଥା: ପ୍ରତିକାର ନାହିଁ

**ଆରଡ଼ି, ୨୩।୯(ଡି.ଏନ.ଏ.)**

ଭଦ୍ରକ ଜିଲା ଧାମନଗର ବ୍ଲକ ରଇପୁର ପଞ୍ଚାୟତସ୍ଥିତ କଣ୍ଟିକା ଉନ୍ନୀତ ଉ.ପ୍ରା. ବିଦ୍ୟାଳୟ ପରିଚାଳନାରେ ଅବ୍ୟବସ୍ଥା ଲାଗି ରହିଥିବା ଛାତ୍ରୀଛାତ୍ର ଓ ଅଭିଭାବକମାନେ ଅଭିଯୋଗ କରୁଥିଲେ ମଧ ଏହାର ପ୍ରତିକାର ହେଉ ନାହିଁ। ମଧ୍ୟାହ୍ନଭୋଜନ ପରିଚାଳନାରେ ଅବ୍ୟବସ୍ଥା ମଧ ଲାଗି ରହିଛି। ଅସ୍ୱାସ୍ଥ୍ୟକର ପରିବେଶରେ ପିଲାଙ୍କୁ ମଧ୍ୟାହ୍ନଭୋଜନ ଖାଇବାକୁ ଦିଆଯାଉଛି। ଅଭିଭାବକଙ୍କ ମତାମତକୁ ଅଣଦେଖା କରି ଶିକ୍ଷାନୁଷ୍ଠାନ ପରିଚାଳନା କରାଯାଉଥିବା ଅଭିଭାବକ ଓ ଗ୍ରାମବାସୀ ଅଭିଯୋଗ କରି ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିବା କହିଛନ୍ତି। ଏ ସମ୍ପର୍କରେ ବାପୁଜି ନୋଡାଲ ସିଆର୍‌ସିସି ଚିତ୍ରଭାନୁ ଦାସ ଏବଂ ଧାମନଗର ବ୍ଲକ ଶିକ୍ଷାଧିକାରୀ ପବିତ୍ର ମୋହନ ବାରିକଙ୍କୁ ପଚାରିବାରୁ ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।



ବିଦ୍ୟାଳୟରେ ଅବ୍ୟବସ୍ଥାରେ ଛାତ୍ରୀମାନେ ମଧ୍ୟାହ୍ନଭୋଜନ ଖାଉଛନ୍ତି।

# ଶହୀଦ ସ୍ମୃତି ଦିବସ ପାଳିତ

**ଧାମନଗର, ୨୩।୯(ଡି.ଏନ.ଏ.)**

ଭଦ୍ରକ ଜିଲା ଧାମନଗର ବ୍ଲକ ଶହୀଦନଗର ଠାରେ ୭୬ତମ ଶହୀଦ ସ୍ମୃତି ଦିବସ ଶନିବାର ପାଳିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରାତଃରେ ପ୍ରଭାତ ଫେରି, ତିଳତର୍ପଣ କରାଯାଇ ଶହୀଦ ଦାୟାଦ ମହେଶ୍ୱର ମହାଳିକ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏସ୍‌ପି ରାଜେଶ ପଣ୍ଡିତଙ୍କ ଉପସ୍ଥିତିରେ ପୋଲିସ ବାହିନୀ ଦ୍ୱାରା ତୋପ ସଲାମୀ ଦିଆଯାଇଥିଲା। ସଂଗ୍ରାମୀ ଏବଂ ବିଭିନ୍ନ ରାଜନେତାମାନେ ସ୍ମୃତିପୀଠରେ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଜୀବନବିନ୍ଦୁ ଓ ସଞ୍ଚାର ଗ୍ରୁପ ଦ୍ୱାରା ସଂଯୋଜକ ଅଜୟ ନାୟକଙ୍କ ତତ୍ତ୍ୱାବଧାନରେ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ସନ୍ଧ୍ୟାରେ ଅତିଥିଙ୍କ ଦ୍ୱାରା ଭଦ୍ରକ ଆଖଣ୍ଡଳମଣି ମୁଖ୍ୟରାସ୍ତାର ମଙ୍ଗଳପୁର ଛକ ନିକଟରେ ନବନିର୍ମିତ ତୋରଣର ଉଦ୍‌ଘାଟନ, ଶହୀଦ ସ୍ମୃତି ମହାବିଦ୍ୟାଳୟ ଅଧକ୍ଷଙ୍କ କାର୍ଯ୍ୟାଳୟ ଏବଂ ନୂତନ ଶ୍ରେଣୀଗୃହ ଉଦ୍‌ଘାଟନ କରାଯାଇଥିଲା। ପରେ ଶହୀଦ ନଗର ମାର୍କେଟ କମ୍ପ୍ଲେକ୍ସ, ପିଇଓ କ୍ୱାର୍ଟର ଏବଂ ଶହୀଦନଗର ପଦାମେଳଣ ପାଇଁ ତୋରଣର ଶିଳାନ୍ୟାସ କରାଯାଇଥିଲା।

ଶହୀଦନଗର ହାଇସ୍କୁଲ ପରିସରରେ ଥିବା ସଭାମଞ୍ଚରେ ସ୍ମୃତିଚାରଣ ଏବଂ ସାଧାରଣ ସଭା ହୋଇଥିଲା। ସ୍ମୃତି କମିଟି ସଭାପତି ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଅଧକ୍ଷତା କରିଥିଲେ। ଉପସଭାପତି ରଘୁନାଥ ଲେଙ୍କା ସଭା ସଂଯୋଜନା କରିଥିଲେ। ମୁଖ୍ୟଅତିଥି ଭାବେ ରାଜ୍ୟ ଉଚ୍ଚ ଶିକ୍ଷାମନ୍ତ୍ରୀ ଅନନ୍ତ ଦାସ, ସମ୍ମାନିତ ଅତିଥି ଭାବେ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ସାମଲ, ମନ୍ତ୍ରୀ ରମେଶ ମାଝୀ, ଏମ୍‌ପି ଅର୍ଜ୍ଜୁନ ଚରଣ ସେଠୀ, ପୂର୍ବତନ ବିଧାୟକ ବିଜୟ ନାୟକ, ଅତିରିକ୍ତ ଜିଲାପାଳ ଶ୍ୟାମାଭକ୍ତ ମିଶ୍ର, ଅଜୟ ନାୟକ ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ବିଧାନସଭାର ମୁଖ୍ୟ ସଚେତକ ଅମର ପ୍ରସାଦ ଶତପଥୀ ଯୋଗଦେଇଥିଲେ। ଅନ୍ୟତମ ବକ୍ତା ଭାବେ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ଯୋଗଦେଇ ସ୍ୱାଧୀନତା ସଂଗ୍ରାମରେ ଭଦ୍ରକ ମାଟିର ଅତୁଳନୀୟ ଅବଦାନ ଏବଂ ବଳିଦାନ ରହିଛି ବୋଲି କହିଥିଲେ। ଏହି ଅବସରରେ ଆମନ୍ତ୍ରିତ ଶହୀଦଙ୍କ ପରିବାର ଦାୟାଦ ସଦସ୍ୟ ଭାବେ ବୃନ୍ଦାବନ ବେହେରା, ମହେଶ୍ୱର ସାହୁ, ଗଙ୍ଗାଧର ଦାସ, ସନାତନ ଜେନା, ମହେଶ୍ୱର ମହାଳିକଙ୍କୁ ଅତିଥିଙ୍କ ଦ୍ୱାରା ପୁଷ୍ପମାଲ୍ୟ ଏବଂ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ନାରାୟଣ ଚନ୍ଦ୍ର ସାହୁ, ପ୍ରଦୀପ ମଲ୍ଲିକ, ସୁଶାନ୍ତ ନାୟକ, ହରେକୃଷ୍ଣ ପାତ୍ରୀ, ବିନୋଦ ନାୟକ, ପ୍ରତାପ ସାମଲ ପ୍ରମୁଖ ସଭାରେ ଉପସ୍ଥିତ ଥିଲେ। ସଭା ପରେ ସଂସ୍କୃତି ବିଭାଗ ତରଫରୁ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। କମିଟି ସଦସ୍ୟ, ସ୍ଥାନୀୟ ଯୁବକ, ବିଜୁ ଯୁବବାହିନୀ ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଉତ୍ସବରେ ଯୋଗଦେଇଥିବା ଅତିଥିବୃନ୍ଦ।

## ଆଜି କ'ଣ କେଉଁଠି

### ଚାନ୍ଦବାଲି

- ମିଳିତ ଅଭିଯୋଗ ଶୁଣାଣି, ସ୍ଥାନ: ଚାନ୍ଦବାଲି ବ୍ଲକ ଅଫିସ, ସମୟ: ପୂର୍ବାହ୍ନ ୧୦ଟା।

## ସଂକ୍ଷେପରେ

### ବାଲିପୋଖରୀ ମୁରଲୀ ହତ୍ୟାକାଣ୍ଡ: ଆଉ ୩ ଗିରଫ

**ବନ୍ତ,୨୩।୯(ସ୍ୱ.ପ୍ର.):** ଭଦ୍ରକ ଜିଲା ବନ୍ତ ବ୍ଲକ ଆଗରପଡ଼ା ଥାନା ଅଧୀନ ବାଲିପୋଖରୀ ବଜାରରେ ମୁରଲୀ ହତ୍ୟାକାଣ୍ଡ ଘଟଣାରେ ପୋଲିସ ଆଉ ୩ ଅଭିଯୁକ୍ତଙ୍କୁ ଶନିବାର ରାତିରେ ଗିରଫ କରିଛି। ରବିବାର ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ତେଲନଟୀ ଗ୍ରାମର ପ୍ରହ୍ଲାଦ ଯେନା, ଜିତେନ୍ଦ୍ର ଯେନା ଓ ଦେବେନ୍ଦ୍ର ଯେନା। ପୂର୍ବରୁ ଏହି ମାମଲାରେ ପୋଲିସ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଉଲ୍ଲେଖନୀୟ ଯେ, ଗତ ଅଗଷ୍ଟ ୩୦ ତାରିଖ ରାତିରେ ବାଲିପୋଖରୀ ବଜାରରେ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ୨ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ହୋଇଥିଲା। ଉକ୍ତ ରାତିରେ ମୁରଲୀଙ୍କୁ ହତ୍ୟା କରି ବଜାରର କାଳୀମଣ୍ଡପ ପଛପଟେ ତାଙ୍କ ମୃତଦେହକୁ ଫିଙ୍ଗି ଦିଆଯାଇଥିଲା। ପରଦିନ ସକାଳେ ତାଙ୍କ ମୃତଦେହ ସେଠାରେ ପଡ଼ିଥିବା ଲୋକେ ଦେଖିଥିଲେ। ଏନେଇ ମୁରଲୀଙ୍କ ଭାଇ ସୀତାକାନ୍ତ ଜେନାଙ୍କ ଅଭିଯୋଗକ୍ରମେ ଆଗରପଡ଼ା ଥାନାରେ ଏକ ମାମଲା(ନଂ.୧୦୪/୧୮) ମାମଲା ରୁଜୁ କରାଯାଇଥିଲା।

### ଭୋଟର ତାଲିକା ସଂଶୋଧନ ସମ୍ପର୍କିତ ବୈଠକ

**ବନ୍ତ,୨୩।୯(ଡି.ଏନ୍.ଏ.):** ବନ୍ତ ବ୍ଲକରେ ଭୋଟର ତାଲିକା ସଂଶୋଧନ ନେଇ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ସୁଚାରୁ ବଳ ଏଥିରେ ଅଧକ୍ଷତା କରିଥିଲେ। ଭୋଟର ତାଲିକାରେ ଭିନ୍ନକ୍ଷମଙ୍କୁ ସାମିଲ କରିବା ସହ ନୂଆ ଭୋଟର ଗ୍ରହଣ କରିବା, ମୃତ ବ୍ୟକ୍ତିଙ୍କ ନାମକୁ ବାଦ୍ ଦେବା, ଦୁଇଟି ସ୍ଥାନରେ ନାମ ଥିବା ଭୋଟରଙ୍କ ନାମକୁ ଗୋଟିଏ ସ୍ଥାନରେ ରଖିବା ଆଦି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିସହ ବୁଥ୍ ଲେବଲ ଏଜେଣ୍ଟ ନିଯୁକ୍ତ ସମ୍ପର୍କରେ କୁହାଯାଇଥିଲା। ତହସିଲଦାର ଫକୀର ଚରଣ ପରିଡା, ବିଡିଓ ରେବେକା ବିଲୁଙ୍ଗ, ଜିପିଇଓ ନିଶିକାନ୍ତ ଖୁଣ୍ଟିଆ, ସିଡିପିଓଙ୍କ ପ୍ରତିନିଧି ପ୍ରୀତିଲତା ପାଢୀଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର କମଳାକାନ୍ତ ସାହୁ, ରେବତୀ ନାୟକ, ନିରଞ୍ଜନ ମଲ୍ଲିକ, ଗୋପବନ୍ଧୁ ସେଠୀ, ରମେଶ ଜେନା, ପରମେଶ୍ୱର ବାରିକ ପ୍ରମୁଖ ଯୋଗଦେଇଥିଲେ।

### ପର୍ବପର୍ବାଣିରେ ଡିଜେ ନିଷେଧ

ପଦ୍ମପୁର,୨୩।୯(ଡି.ଏନ.ଏ.) ବାସୁଦେବପୁର ବ୍ଲକ ଅଧୀନ ବିରସ ପଞ୍ଚାୟତ କାର୍ଯ୍ୟାଳୟଠାରେ ବିଦେଇପୁର ବଜାର କମିଟି ଓ ଶାନ୍ତି କମିଟିର ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ନାୟକାଣିଡିହୀ ଥାନାଧିକାରୀ ରତିକାନ୍ତ ଗିରିଙ୍କ ଆବାହକତ୍ୱରେ ଆୟୋଜିତ ବୈଠକରେ କମିଟିର ସଭାପତି ନାରାୟଣ ଚନ୍ଦ୍ର ଜେନା ସଭାପତିତ୍ୱ କରିଥିଲେ। ବିଦେଇପୁର ବଜାରରେ ଚୋରାମଦ ବିକ୍ରି ବନ୍ଦ କରିବା, ଜବରଦଖଲ ଉଚ୍ଛେଦ, ଆଲୋକୀକରଣ ବ୍ୟବସ୍ଥାକୁ ସୁଦୃଢ କରିବା, ପର୍ବପର୍ବାଣୀରେ ଡିଜେ ନ ବଜାଇବା, ରାସ୍ତାରେ ଯାନବାହାନ ରଖି ରାସ୍ତା ଅବରୋଧ ନ କରିବା, ଶାନ୍ତିଶୃଙ୍ଖଳା ରକ୍ଷା ଦିଗରେ ଦଳମତ ନିର୍ବିଶେଷରେ ପୋଲିସକୁ ସହଯୋଗ କରିବା ଆଦି ବିଭିନ୍ନ ବିଷୟରେ ଥାନାଧିକାରୀ ଗିରି ଆଲୋକପାତ କରିଥିଲେ। ଏହାକୁ କାର୍ଯ୍ୟକାରୀ କରିବା ନେଇ ବିଦେଇପୁର ସରପଞ୍ଚ ସୁବ୍ରତ କୁମାର ଦୟାନିଧି ଦାସ, ବଜାର କମିଟି ସଭାପତି ହରେକୃଷ୍ଣ ଦାସ, ସମ୍ପାଦକ କିଶୋର କୁମାର ସେଠୀ, ସଭ୍ୟ ନିରଞ୍ଜନ ଦାସ ପ୍ରମୁଖ ମତ ଉପସ୍ଥାପନ କରିଥିଲେ।

### ହନିଫ୍ ମହମ୍ମଦ ଖାଁଙ୍କ ଶ୍ରାଦ୍ଧବାର୍ଷିକୀ ପ୍ରସ୍ତୁତି

**ଭଦ୍ରକ ଅଫିସ,୨୩।୯:** ଭଦ୍ରକ ପୁରୁଣାବଜାର ଶହୀଦ କ୍ଲବଠାରେ ଇକ୍‌ବାଲ ଖାଁଙ୍କ ସଭାପତିତ୍ୱରେ ହନିଫ୍ ମହମ୍ମଦ ଖାଁଙ୍କ ୫୧ତମ ଶ୍ରାଦ୍ଧବାର୍ଷିକୀ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ ଏସ୍.ଏମ୍ ଫାରୁକ୍ ଏବଂ କ୍ଲବର ଅନ୍ୟ ସଭ୍ୟମାନେ ଯୋଗଦେଇ ବିଭିନ୍ନ ଆଲୋଚନା କରିଥିଲେ। ଆସନ୍ତା ଅକ୍ଟୋବର ୬ ତାରିଖରେ ଦିନତମାମ କାର୍ଯ୍ୟକ୍ରମରେ ଏହି ମହାନ ନେତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବ। ସେହିଦିନ ସକାଳେ ତାଙ୍କ ସମାଧି ପୀଠରେ ପୁଷ୍ପଗୁଚ୍ଛ ଦେବା ପରେ ଅନ୍ୟାନ୍ୟ କାର୍ଯ୍ୟକ୍ରମ ରହିଛି। ଏହି ସମାରୋହରେ ତାଙ୍କର ଜୀବନୀ ପୁସ୍ତକ ଉନ୍ମୋଚନ କରାଯିବାକୁ ସ୍ଥିର ହୋଇଛି।

# ଷ୍ଟେଶନ ଭବନ, ଫୁଟ ଓଭରବ୍ରିଜ ଲୋକାର୍ପିତ



ଲୋକାର୍ପଣ ସମାରୋହରେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ ଓ ଅନ୍ୟମାନେ।


ଭଦ୍ରକରେ ନବନିର୍ମିତ ଷ୍ଟେଶନ ଭବନ

**ଭଦ୍ରକ ଅଫିସ,୨୩।୯**

ଦୀର୍ଘଦିନର ଆନ୍ଦୋଳନ ଓ ଦାବି ପରେ ରବିବାର ଅପରାହ୍ନରେ ଭଦ୍ରକ ଷ୍ଟେଶନର ନୂତନ ଭବନ ସାଙ୍ଗକୁ ୬ ମିଟର ଓସାରର ଦ୍ୱିତୀୟ ଫୁଟ ଓଭରବ୍ରିଜ ଉଦ୍‌ଘାଟିତ ହୋଇଛି। କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ ଜୁଏଲ୍ ଓରାମ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଲୋକାର୍ପିତ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତଟ ରେଳପଥ ମୁଖ୍ୟ ପ୍ରବନ୍ଧକ ଉମେଶ ସିଂ, ପୂର୍ବତଟ ରେଳପଥ ଖୋର୍ଦ୍ଧାରୋଡ ଡିଭିଜନ ପ୍ରବନ୍ଧକ ବ୍ରଜମୋହନ ଅଗ୍ରୱାଲ, ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ ଓ ପୂର୍ବତନ ବିଧାୟକ ବିଷ୍ଣୁ ସେଠୀ ମଞ୍ଚାସୀନ ଥିଲେ।

ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ ମଣ୍ଡଳ ଅଧୀନ ଭଦ୍ରକ ରେଳ ଷ୍ଟେଶନ ରାଜସ୍ୱ ଆଦାୟ କ୍ଷେତ୍ରରେ ଅଗ୍ରଣୀ ଥିଲେ ମଧ୍ୟ ବିକାଶ କ୍ଷେତ୍ରରେ ପଛୁଆ ରହିଥିବା ଦୀର୍ଘଦିନ ଧରି ଅଭିଯୋଗ ହୋଇଆସୁଥିଲା। ଏଠାରେ ପୂର୍ବରୁ ଥିବା ସଂକୀର୍ଣ୍ଣ ଫୁଟ ଓଭରବ୍ରିଜ ଦୁର୍ବଳ ଓ ବିପଦସଙ୍କୁଳ ହୋଇପଡ଼ିଥିଲା। ଏଣୁ ଦ୍ୱିତୀୟ ଫୁଟ ଓଭରବ୍ରିଜ ନିର୍ମାଣ ସାଙ୍ଗକୁ ଲେଭଲକ୍ରସିଂଠାରେ ଓଭରବ୍ରିଜ ନିର୍ମାଣ ସକାଶେ ଅଞ୍ଚଳବାସୀ ବହୁବାର ଆନ୍ଦୋଳନ କରିଆସିଥିଲେ। ଏହି ପରିପ୍ରେକ୍ଷୀରେ ରବିବାର ଷ୍ଟେଶନର ନୂତନ ଭବନ ଓ ୨ୟ ଫୁଟ ଓଭରବ୍ରିଜ ଉଦ୍‌ଘାଟନକୁ ଅଞ୍ଚଳବାସୀ ସ୍ୱାଗତ କରିଛନ୍ତି। ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ ମଣ୍ଡଳ ପକ୍ଷରୁ ୧୦କୋଟି ୩୪ ଲକ୍ଷ ଟଙ୍କା ବ୍ୟୟରେ ନୂତନ ଷ୍ଟେଶନ ଭବନ ଓ ୩ କୋଟି ୨୦ ଲକ୍ଷ ବ୍ୟୟରେ ଫୁଟ ଓଭରବ୍ରିଜ ନିର୍ମିତ ହୋଇଛି। କେନ୍ଦ୍ରମନ୍ତ୍ରୀ ଓରାମ ସଡକ ପଥରେ ଭଦ୍ରକ ଆସି ଏହି ଲୋକାର୍ପଣ ସମାରୋହରେ ଯୋଗଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ କହିଥିଲେ, ଭଦ୍ରକ ସହର ଦ୍ରୁତଗତିରେ ସମ୍ପ୍ରସାରିତ ହୋଇଚାଲିଛି। ରେଳ ବିଭାଗ ପକ୍ଷରୁ ନିର୍ମିତ ଷ୍ଟେଶନ ଭବନ ଓ ଫୁଟ ଓଭରବ୍ରିଜ ଲୋକାର୍ପଣକୁ ଅଞ୍ଚଳବାସୀ ଚାହିଁ ରହିଥିଲେ। ଏହା ଭିତ୍ତିଭୂମି ବିକାଶ କାର୍ଯ୍ୟର ଏକ ଅଂଶବିଶେଷ। ଆଗକୁ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ପଦକ୍ଷେପ ନିଆଯିବ। ଚଳିତ ବଜେଟ୍‌ରେ କେନ୍ଦ୍ର ସରକାର ରେଳ ବିକାଶ ପ୍ରତି ଗୁରୁତ୍ୱ ଦେଇଛନ୍ତି। ଉଦ୍‌ଘାଟନ ସମାରୋହକୁ ଜିଲାସ୍ତରୀୟ ବିଜେଡି ବିଧାୟକ ଓ ଏମ୍‌ପି ନ ଆସି ଅସହଯୋଗ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ସେ କହିଥିଲେ। କେନ୍ଦ୍ର ସରକାର କେବଳ ରେଳପଥ ନୁହେଁ, ଆକାଶ ପଥକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ଉଡାଜାହାଜରେ ଯାତାୟାତ ପାଇଁ ପୂର୍ବରୁ ଥିବା ଟିକେଟ୍ ଦର କମିଯାଇଛି। ସାଧାରଣ ଲୋକେ ଏଥିରୁ ସୁବିଧା ପାଇପାରିବେ। ଟେଲିଫୋନ ସେବା ଆଦି କ୍ଷେତ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜନାଭିମୁଖୀ ପଦକ୍ଷେପ ନେଇଥିବା ଜୁଏଲ ତାଙ୍କ ବକ୍ତବ୍ୟରେ ଦର୍ଶାଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଭାଜପା ଜିଲା ସଭାପତି ବଦ୍ରିଧଳ, ଡା. ପ୍ରଦୀପ ନାୟକ, ମନସ୍ୱିତା ଖୁଣ୍ଟିଆଙ୍କ ସମେତ ବହୁ ଜିଲା ଓ ବ୍ଲକସ୍ତରୀୟ ନେତା ଉପସ୍ଥିତ ଥିଲେ।

## ଭଦ୍ରକ ଷ୍ଟେଶନର ନୂତନ ଭବନ ଓ ଫୁଟ ଓଭରବ୍ରିଜ ଲୋକାର୍ପଣ ଉତ୍ସବ ଏପାଖ ସେପାଖ

## ପୋଷ୍ଟର ମାରି ନେତା ଅଡୁଆରେ

### ରାତିଅଧରେ ବଦଳିଗଲେ ଅତିଥି: କାମ ଦେଲାନି ନିମନ୍ତ୍ରଣ ପତ୍ର

**ଭଦ୍ରକ ଅଫିସ,୨୩।୯**

ବହୁ ପ୍ରତୀକ୍ଷିତ ଭଦ୍ରକ ଷ୍ଟେଶନର ନୂତନ ଭବନ ଓ ଦ୍ୱିତୀୟ ଫୁଟ ଓଭରବ୍ରିଜ ଲୋକାର୍ପଣ ଉତ୍ସବ ରବିବାର ଅନୁଷ୍ଠିତ ହୋଇଛି। ଏହି ଉତ୍ସବ ଆୟୋଜନକୁ ନେଇ ସୃଷ୍ଟି ହୋଇଥିବା ଅବ୍ୟବସ୍ଥା ବେଶ୍ ଚର୍ଚ୍ଚା ସୃଷ୍ଟି କରିଛି। ଶେଷ ମୁହୂର୍ତ୍ତରେ ଅର୍ଥାତ୍ ଉଦ୍‌ଘାଟନ ପୂର୍ବ ରାତିରେ ମୁଖ୍ୟଅତିଥି ଭାବେ ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ, ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଗସ୍ତ କାର୍ଯ୍ୟକ୍ରମ ବାତିଲ ହୋଇଥିଲା। ତାଙ୍କ ପରିବର୍ତ୍ତେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ଲୋକାର୍ପଣ ଉତ୍ସବରେ ଯୋଗଦେବେ ବୋଲି ସ୍ଥିର ହୋଇଥିଲା। ମନ୍ତ୍ରୀ ପ୍ରଧାନ ଆସିବେ ବୋଲି ପୂର୍ବରୁ ଭଦ୍ରକ ସାରା ସ୍ୱାଗତମ୍ ପୋଷ୍ଟର ଛାଇ ଦେଇଥିଲେ ଭାଜପା ନେତାମାନେ। ହେଲେ ଧର୍ମେନ୍ଦ୍ରଙ୍କ ବଦଳରେ ଜୁଏଲଙ୍କ ଗସ୍ତ ଅଡୁଆ ପରିସ୍ଥିତି ସୃଷ୍ଟି କରିଥିଲା। ଅନ୍ୟପକ୍ଷେ ଉଦ୍‌ଘାଟନ ଉତ୍ସବ ପାଇଁ ଛପାଯାଇଥିବା ନିମନ୍ତ୍ରଣ ପତ୍ର କାମ ଦେଇ ନ ଥିଲା। ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ ମଣ୍ଡଳ ପକ୍ଷରୁ ଏହି କାର୍ଯ୍ୟକ୍ରମକୁ ନେଇ କିଛିଦିନ ଆଗରୁ ନିମନ୍ତ୍ରଣ ପତ୍ର ଛପାଯାଇ ସାରିଥିଲା। କିନ୍ତୁ କେନ୍ଦ୍ରମନ୍ତ୍ରୀ ପ୍ରଧାନ ନ ଆସିବାରୁ ଜୁଏଲ ଏଥିରେ ଯୋଗଦେଇଥିଲେ। ସେହିପରି ଏମ୍‌ପି ଅର୍ଜୁନ ଚରଣ ସେଠୀ ଓ ବିଧାୟକ ଯୁଗଳ କିଶୋର ପଟ୍ଟନାୟକ ଉତ୍ସବରେ ଯୋଗଦେବେ ବୋଲି କାର୍ଯ୍ୟକ୍ରମ ସ୍ଥିର ହୋଇ ନିମନ୍ତ୍ରଣ ପତ୍ର ବଣ୍ଟା ଯାଇଥିଲା। କିନ୍ତୁ ବର୍ତ୍ତମାନର କୌଣସି ମନ୍ତ୍ରୀ, ବିଧାୟକ ଯୋଗ ଦେଇ ନ ଥିଲେ। କେବଳ ଭାଜପାର ପୂର୍ବତନ ଏମ୍‌ପି ତଥା ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ ଓ ପୂର୍ବତନ ବିଧାୟକ ବିଷ୍ଣୁ ସେଠୀ ମଞ୍ଚାସୀନ ହୋଇ କାମ ଚଳାଇଲେ।

### ସୃଷ୍ଟି ହେଲା ଦଳୀୟ ସଭାର ଭ୍ରମ

ଭଦ୍ରକ ଷ୍ଟେଶନ ପ୍ରତି ରେଳ ବିଭାଗର କ୍ରମାଗତ ଅବହେଳାକୁ ସାଧାରଣ ଲୋକେ କ୍ରମାଗତ ବିରୋଧ କରିଆସୁଥିବାରୁ ଉଦ୍‌ଘାଟନ ଉତ୍ସବରେ ନୀରବତା ଅବଲମ୍ବନ କରିଥିଲେ। ଏହି ବିଳମ୍ବିତ କାର୍ଯ୍ୟକ୍ରମକୁ କେତେକ ସ୍ୱାଗତ କରିଥିବା ବେଳେ ଅନ୍ୟମାନେ ଏହା ବିରୋଧରେ ମନ୍ତବ୍ୟ ଦେଉଥିବା ଦେଖାଯାଇଥିଲା। ଶାସକ ବିଜେଡି ଦଳର କୌଣସି ନେତା, ଏମ୍‌ପି ଓ ବିଧାୟକ ନ ଆସିବାରୁ ଏହି ବିରୋଧ ବାରି ହୋଇପଡ଼ିଥିଲା। ରବିବାର ଷ୍ଟେଶନ ନିକଟରେ ହୋଇଥିବା ଉଦ୍‌ଘାଟନୀ ସଭା ଏକପ୍ରକାର ଭାଜପାର ଦଳୀୟ ସଭା ଭଳି ପ୍ରତୀତ ହୋଇଥିଲା। ବିଜେଡି ନେତାଙ୍କ ଅନୁପସ୍ଥିତି ଏବଂ ଭାଜପା ନେତା ଓ କର୍ମୀଙ୍କ ଭିଡ ଅନ୍ୟତମ ଚର୍ଚ୍ଚାର ପ୍ରସଙ୍ଗ ହୋଇଥିଲା।

### ସଭାରେ ଉଠିଲା ସମୂହ ସ୍ୱାର୍ଥ ପ୍ରସଙ୍ଗ

ଷ୍ଟେଶନ ଭବନ ଓ ଫୁଟ ଓଭରବ୍ରିଜ ଲୋକାର୍ପଣ ଉତ୍ସବକୁ ନେଇ ସୃଷ୍ଟି ହୋଇଥିବା ସ୍ଥିତିର ଝଲକ ଲୋକାର୍ପଣ ସଭାରେ ଦେଖିବାକୁ ମିଳିଥିଲା। ମନ୍ତ୍ରୀ ଜୁଏଲ ଓରାମ ଉଦ୍‌ବୋଧନ ଦେବାବେଳେ ସମୂହ ବିକାଶ ଓ ସ୍ୱାର୍ଥ କଥା ଉଠାଇ ବକ୍ତବ୍ୟ ରଖିଥିଲେ। ଭାଷଣ ଛଳରେ ସେ କହିଥିଲେ, ଲୋକଙ୍କ ବିକାଶ କାର୍ଯ୍ୟ ପାଇଁ ଗୋଟିଏ ମଞ୍ଚରେ ସମସ୍ତେ ଏକାଠି ହେଲେ କିଛି ଅସୁବିଧା ନାହିଁ। ନିର୍ବାଚନ ସମୟରେ ଭୋଟ ରାଜନୀତି ଭିନ୍ନ କଥା। ଏବେ ଲୋକଙ୍କ ସ୍ୱାର୍ଥ ପାଇଁ ସମସ୍ତେ ଏକାଠି ହେବାର ଆବଶ୍ୟକତା ଥିଲା।

### ସନ୍ତୋଷର ଝଲକ: କେନ୍ଦ୍ରମନ୍ତ୍ରୀଙ୍କୁ ସ୍ମାରକପତ୍ର

ଭଦ୍ରକ ଷ୍ଟେଶନର ଆଧୁନିକୀକରଣ କେବଳ ନାମକୁ ମାତ୍ର ଚାଲିଛି। ଏଠାରେ ସ୍ୱତନ୍ତ୍ର ରେଳ ଡିଭିଜନ ସ୍ଥାପନ, ତାରିଣୀ ମନ୍ଦିର ଗେଟ୍ ନିକଟରେ ଓଭରବ୍ରିଜ ଏବଂ ସାଲନ୍ଦୀ ପାସେଞ୍ଜର ହଲ୍ଟ ନିର୍ମାଣ ଲାଗି ଦାବି କରାଯାଇଆସୁଥିଲେ ମଧ୍ୟ ରେଳ ବିଭାଗ ଏଥିପ୍ରତି ଦୃଷ୍ଟି ଦେଉ ନାହିଁ। ଭଦ୍ରକ ଷ୍ଟେଶନର ନୂତନ ଭବନ ଓ ଦ୍ୱିତୀୟ ଫୁଟ ଓଭରବ୍ରିଜ ଉଦ୍‌ଘାଟନ ଲାଗି କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ଆସିଥିବା ଅବସରରେ ଜିଲାର ବିଭିନ୍ନ ସଙ୍ଗଠନ ଓ ବୁଦ୍ଧିଜୀବୀଙ୍କ ପକ୍ଷରୁ ଏଭଳି ବିଭିନ୍ନ ସମସ୍ୟା ନେଇ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ରେଳ ବିକାଶ କାର୍ଯ୍ୟକ୍ରମ ବ୍ୟତୀତ ଭଦ୍ରକରେ ମେଡିକାଲ କଲେଜ ପ୍ରତିଷ୍ଠା କରାଯିବା ସକାଶେ ତାଙ୍କୁ ଲିଖିତ ଦାବିପତ୍ର ଦିଆଯାଇଥିଲା।

## ଗୁଳି ଫୁଟାଇ ଲୁଟିନେଲେ ଦେଢ଼ ଲକ୍ଷ

**ବନ୍ତ,୨୩।୯(ସ୍ୱ.ପ୍ର.)**

ଭଦ୍ରକ ଜିଲା ବନ୍ତ ବ୍ଲକ ଆଗରପଡାରେ ଥିବା ଏକ ବିଦେଶୀ ମଦ ଦୋକାନ କର୍ମଚାରୀଙ୍କଠାରୁ ଶନିବାର ରାତିରେ ଫାଙ୍କା ଗୁଳି ଚାଳନା କରି ଦେଢ଼ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଦୁର୍ବୃତ୍ତମାନେ ଲୁଟି ନେଇଛନ୍ତି। ଏନେଇ ଅଭିଯୋଗ ହେବା ପରେ ଆଗରପଡା ଥାନାରେ ଏକ ମାମଲା(ନଂ.୧୧୩/୧୮) ରୁଜୁ କରାଯାଇ ପୋଲିସ ତଦନ୍ତ ଚଳାଇଛି। ଅଭିଯୋଗରେ ଦର୍ଶାଯାଇଛି ଯେ, ମଦ ଦୋକାନ କର୍ମଚାରୀ ସଞ୍ଜୟ ସୂତାର, ଭଗବାନ ସେଠୀ, ହରିହର ବିଶ୍ୱାଳ ଶନିବାର ରାତି ପ୍ରାୟ ସାଢେ ୧୦ଟାରେ ଦୋକାନ ବନ୍ଦ କରି ଟଙ୍କା ନେଇ ବାଇକ୍ ଯୋଗେ ଘରକୁ ଫେରୁଥିଲେ। କେନାଲ ପୋଲ ନିକଟରେ ୨ଟି ବାଇକ୍‌ରେ ୪ ଜଣ ଦୁର୍ବୃତ୍ତ ଆସି ସେମାନଙ୍କୁ ଅଟକାଇ ଫାଙ୍କା ଗୁଳି ଚାଳନା କରିବା ସହିତ ସେମାନଙ୍କୁ ଆକ୍ରମଣ କରିଥିଲେ। ସେମାନେ ସଞ୍ଜୟଙ୍କ ମୋବାଇଲ ଛଡାଇ ନେବା ସହିତ ହରିହରଙ୍କ ମୁଣ୍ଡକୁ ଆଘାତ କରିଥିଲେ। ଏହାପରେ ଗାଡ଼ି ଡିକି ଭାଙ୍ଗି ଟଙ୍କା ନେଇ ଦ୍ରୁତଗତିରେ ପଳାଇଯାଇଥିଲେ। ଆଗରପଡା ଥାନାଧିକାରୀ ଅନୁପସ୍ଥିତ ଥିବାରୁ ଦାୟିତ୍ୱରେ ଥିବା ବନ୍ତ ଥାନାଧିକାରୀ ଗଣେଶ୍ୱର ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ଫୁଟିଥିବା ଗୁଳିର ଖୋଳା ଜବତ କରିଥିଲେ। ଏନେଇ ହରିହରଙ୍କ ଏତଲାକ୍ରମେ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲେ ମଧ୍ୟ ଲୁଟେରାଙ୍କ ପତ୍ତା ମିଳିପାରି ନାହିଁ।

## ଖୁଦୁରୁକୁଣୀ ଓଷା ଉଦ୍‌ଯାପିତ

**ଭଣ୍ଡାରିପୋଖରୀ, ୨୩।୯(ଡି.ଏନ.ଏ.)**

ରବିବାର ସନ୍ଧ୍ୟାରେ ଖୁଦୁରୁକୁଣୀ ଓଷା ଉଦ୍‌ଯାପିତ ହୋଇଯାଇଛି। ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳର କୁମାରୀମାନେ ୫ ରବିବାର ଓଷା ରଖି ମା' ଖୁଦୁରୁକୁଣୀଙ୍କୁ ପୂଜା କରୁଥିଲେ। ବ୍ଲକର ମାଳଦା, ରହଣିଆ, ନପଙ୍ଗ, ମଞ୍ଜୁରୀ, ସରସଦା, ଚତୁର୍ଭୁଜପୁର ପ୍ରମୁଖ ଅଞ୍ଚଳରେ ପୂଜା କରାଯାଇଥିଲା। ସୋମବାର ଅପରାହ୍ନରେ ମାଳଦା ଅଞ୍ଚଳରେ ଧୁମ୍‌ଧାମ୍‌ରେ ଭସାଣି କରାଯାଇ ମା' ଖୁଦୁରୁକୁଣୀଙ୍କୁ ସର୍ତ୍ତାନାଳରେ ବିସର୍ଜନ କରାଯିବାର କାର୍ଯ୍ୟକ୍ରମ ରହିଛି। ଆଇନଶୃଙ୍ଖଳା ରକ୍ଷା ପାଇଁ ଥାନା ପକ୍ଷରୁ ଆବଶ୍ୟକ ପୋଲିସ ମୁତୟନ ବ୍ୟବସ୍ଥା କରାଯାଇଛି।

## କୂଳ ଲଘିଂଲା ବୈତରଣୀ

**ଆରଡି,୨୩।୯(ଡି.ଏନ.ଏ.)**


ଷାଠିବାଙ୍କୁଡ଼ାଠାରେ ବୈତରଣୀ କୂଳ ବୁଡ଼ି ପାଣି ଚାଲିଛି।

ଗତ ଦୁଇ ସପ୍ତାହ ତଳେ ବୈତରଣୀ ନଦୀରେ ବନ୍ୟା ଆସି ଚାନ୍ଦବାଲି ବ୍ଲକର ଆରଡ଼ି, ସୁନ୍ଦରପୁର, ନାନ୍ଦପୁର, ଓଲଗ, ଧାମନଗର ବ୍ଲକର ପାଳସାହି, ରଇପୁର ପଞ୍ଚାୟତ ଓ ତିହିଡ଼ି ବ୍ଲକ ଶ୍ୟାମସୁନ୍ଦରପୁର ପଞ୍ଚାୟତର ୪୫ଟି ଗାଁ ସମ୍ପୂର୍ଣ୍ଣ ପ୍ରଭାବିତ ହୋଇଥିଲା। ଏସବୁ ଗାଁର ଚାଷଜମି ବନ୍ୟାଜଳରେ ବୁଡ଼ି ରହିଥିଲା। ୩ ଦିନ ଧରି ଲଗାଣ ବର୍ଷାରେ ଚାଷଜମିରେ ପାଣି ଭରପୁର ରହିଥିଲା। ରବିବାର ସକାଳଠାରୁ ଷାଠିବାଙ୍କୁଡା ନିକଟରେ ପୁଣି ବୈତରଣୀ କୂଳ ଲଘିଂଛି। ଅନ୍ୟପକ୍ଷେ ସାଳନ୍ଦୀ, ରେବ, କପାଳୀ ଆଦି ନଦୀରେ ପାଣି ବଢ଼ିଛି। ଏହାକୁ ନେଇ ଚାଷୀମାନେ ଚିନ୍ତାରେ ପଡ଼ି ଯାଇଛନ୍ତି। ଫସଲ ଉଜୁଡ଼ିଯିବାରୁ ଆଶଙ୍କା ପ୍ରକାଶ ପାଇଛି। ଗତ ବନ୍ୟାରେ ଷାଠିବାଙ୍କୁଡା-ବୋଡକ ମଧ୍ୟସ୍ଥଳରେ ଥିବା ୨୦ ନମ୍ବର ଜାତୀୟ ରାଜପଥ ପ୍ରାୟ ୩୦ ଫୁଟ ତଳକୁ ଭୁଶୁଡି ପଡ଼ିଥିଲା। ତାହା ଏପର୍ଯ୍ୟନ୍ତ ମରାମତି ହୋଇପାରି ନାହିଁ। ଆରଡ଼ିରୁ ଯାଜପୁର, କଟକ, ଭୁବନେଶ୍ୱରକୁ ବସ୍ ଚଳାଚଳ ବନ୍ଦ ରହିଛି। ଏପରି ସ୍ଥଳେ ଉକ୍ତ ସ୍ଥାନରେ ବନ୍ୟାଜଳ ପ୍ରବାହିତ ହେଲେ ସେଠାରେ ଘାଇ ସୃଷ୍ଟି ହୋଇପାରେ ବୋଲି ସ୍ଥାନୀୟ ଅଞ୍ଚଳବାସୀ ଆଶଙ୍କା ପ୍ରକାଶ କରିଛନ୍ତି। ଫଳରେ ବନ୍ୟା ଆଶଙ୍କାରେ ଚାଷୀଙ୍କ ସମେତ ସ୍ଥାନୀୟ ଲୋକେ ହତାଶ ହୋଇପଡିଛନ୍ତି।

## ମେଧା ଅନ୍ୱେଷଣ, ସମ୍ବର୍ଦ୍ଧନା ଉତ୍ସବ



ଉତ୍ସବରେ ପୂର୍ବତନ ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ଭଦ୍ରକ ଅଫିସ,୨୩।୯**

ରବିବାର ଜ୍ଞାନେଶ୍ୱରୀ ଟ୍ରଷ୍ଟ ଆନୁକୂଲ୍ୟରେ ବଣିଆଁ ଉଚ୍ଚ ବିଦ୍ୟାଳୟ ସହଯୋଗିତା ଓ ଚରମ୍ପା ହରଫୁଲ ସିଂ କସ୍ତୁରୀ ଦେବୀ ସେବା ସଂସ୍ଥା ସହଭାଗିତାରେ ବଣିଆଁ ଉଚ୍ଚ ବିଦ୍ୟାଳୟ ପରିସରରେ ଜ୍ଞାନେଶ୍ୱରୀ ମେଧାବୃତ୍ତି ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ୧୦ଜଣ ମେଧାବୀ ଛାତ୍ରୀଛାତ୍ରଙ୍କୁ ଚୟନ କରାଯାଇଥିଲା। ସମ୍ବର୍ଦ୍ଧନା ଉତ୍ସବରେ ପ୍ରତ୍ୟେକଙ୍କୁ ମାନପତ୍ର ସହ ୧ ହଜାର ଲେଖାଏ ଅର୍ଥରାଶି ପ୍ରଦାନ କରାଯାଇଥିଲା। ସେହିପରି ସେବାନିବୃତ୍ତ ଶିକ୍ଷକ ସୁରେନ୍ଦ୍ର କୁମାର ରାଉତ, ରମାକାନ୍ତ ବେହେରା, ପୁରୁଷୋତ୍ତମ ଓଝା, ନବକିଶୋର ପାତ୍ର, ବାବାଜୀ ଚରଣ ନାୟକଙ୍କୁ ମାନପତ୍ର ସହ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲା ଓଷ୍ଟା ସମ୍ପାଦକ ପ୍ରଦୀପ୍ତ କୁମାର ଦାସ, ଲାଲାଜୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ବାଦଲ କିଶୋର ମହାପାତ୍ର, ପ୍ରଧାନଶିକ୍ଷକ ଗଣେଶ ଚନ୍ଦ୍ର ମହାପାତ୍ର, ନରସିଂହ ମିଶ୍ର, ଅଜିତ କୁମାର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଟ୍ରଷ୍ଟର ଚେୟାରମ୍ୟାନ ମହେଶ୍ୱର ଖିଲାର ସଭାରେ ସଭାପତିତ୍ୱ କରିଥିଲେ। ହରଫୁଲ ସିଂ କସ୍ତୁରୀ ଦେବୀ ସେବା ସଂସ୍ଥାର କର୍ମକର୍ତ୍ତା କନ୍ୱାର ବାବୁ, ସୀତାକାନ୍ତ ଦାସ, ସଜନ କୁମାର ଅଗ୍ରୱାଲ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ରାଶି ପ୍ରଦାନ କରିଥିଲେ।

## ମେଡିକାଲ କଲେଜ ପ୍ରତିଷ୍ଠା ଦାବି ଜୋର୍‌ଦାର

**ଭଦ୍ରକ ଅଫିସ,୨୩।୯**




ମେଡିକାଲ କଲେଜ ପ୍ରତିଷ୍ଠା ଦାବିରେ ଶୋଭାଯାତ୍ରା(ବାମ) ଓ ବାଇକ୍ ରାଲି।

- ବାଇକ୍ ରାଲି, କେନ୍ଦ୍ରମନ୍ତ୍ରୀଙ୍କୁ ଦାବିପତ୍ର
- ୧୪ ଦିନରେ ଦସ୍ତଖତ ଅଭିଯାନ

ଭଦ୍ରକଠାରେ ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା ଦାବି ଜୋର୍‌ଦାର ହୋଇଛି। ଏନେଇ ରବିବାର ବିଶାଳ ବାଇକ୍ ଶୋଭାଯାତ୍ରା କରାଯାଇଥିଲା। ଯୁବଗୋଷ୍ଠୀ ଶୋଭାଯାତ୍ରାରେ ଯାଇ ଭଦ୍ରକ ଗସ୍ତରେ ଆସିଥିବା କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଭଦ୍ରକ ମେଡିକାଲ କଲେଜ ସଂଗ୍ରାମୀ ସେନାର ଆବାହକ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟଙ୍କ ନେତୃତ୍ୱରେ ବହୁ ସାମାଜିକ ସଙ୍ଗଠନର ସଦସ୍ୟ, ସାଧାରଣ ଜନତା ଭଦ୍ରକ ସହର ମହତାବ ଛକଠାରୁ ବାଇକ୍ ଶୋଭାଯାତ୍ରାରେ ବାହାରିଥିଲେ। ଶୋଭାଯାତ୍ରା ପୁରୁଣାବଜାର ହୋଇ ଥାନା ଛକରେ ବାହାରି ଚରମ୍ପା ଯାଇ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଭଦ୍ରକ ସୋସିଆଲ ସର୍ଭିସ, ଉତ୍ସର୍ଗ, ପୁରୁଣାବଜାର ଯୁବମୋର୍ଚ୍ଚା ଆଦି ସଙ୍ଗଠନର ସଞ୍ଜିତ କୁମାର ନାୟକ, ଅପୂର୍ବ ବେହେରା, ପ୍ରକାଶ ସ୍ୱାଇଁ, ହେମନ୍ତ ମହାପାତ୍ର, ସନ୍ତୋଷ ବେହେରା, ସେକ୍ ଜାହିଦ୍ ହବିବ୍, ଲାଲା ସ୍ୱାଇଁ ପ୍ରମୁଖ ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ। ସେହିଭଳି ଭଦ୍ରକଠାରେ ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲ ପ୍ରତିଷ୍ଠା ପାଇଁ ଜିଲା ଉନ୍ନୟନ ସଂଘର୍ଷ ସମିତି ପକ୍ଷରୁ ଜିଲାରେ ଆନ୍ଦୋଳନ ଜାରି ରହିଛି। ବନ୍ତ ଛକ ପୋଲ ତଳେ ୧୪ ଦିନରେ ପହଞ୍ଚିଛି ଦସ୍ତଖତ ଅଭିଯାନ। ଜିଲା ସାରା ଭ୍ରାମ୍ୟମାଣ ଦସ୍ତଖତ ରଥ ପରିକ୍ରମା କରି ପଥପ୍ରାନ୍ତ ସଭା ଆୟୋଜନ କରାଯାଉଛି। ଆନ୍ଦୋଳନକୁ ବ୍ୟାପକ କରିବା ପାଇଁ ରବିବାର ବନ୍ତ ଛକଠାରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ସଂଗ୍ରାମୀ ଭିଡିଓ କ୍ୟାସେଟର ଶୁଟିଂ କରାଯାଇଥିଲା। ଏହି ଗୀତ ଲୋକଙ୍କ ମନ ମୋହିବ ବୋଲି ଜିଲା ସଂଘର୍ଷ ସମିତିର ଆବାହକ ମଣ୍ଡଳୀ ଗିରିଧାରୀ ନାଥ, ସମାଜସେବୀ ବିଜୟ କୁମାର ରାଉତ, ନ୍ୟୁ ଇଣ୍ଡିଆ ଆପ୍ଲାୟାନ୍‌ସର ପୂର୍ବତନ ବରିଷ୍ଠ ଡିଭିଜନାଲ ମ୍ୟାନେଜର ଅଗଣୀ ଚରଣ ଜେନା, ଯୁବ ସମାଜସେବୀ ରାକେଶ ପଣ୍ଡା ପ୍ରମୁଖ ଆଶା ବାଦୀ ଅଛନ୍ତି। ଶୁଟିଂ ହେଉଥିବା ଭିଡିଓ ଖୁବ୍‌ଶୀଘ୍ର ସୋସିଆଲ ମିଡିଆରେ ଅପଲୋଡ କରାଯାଇ ଭଦ୍ରକରେ ମେଡିକାଲ ପ୍ରତିଷ୍ଠା ପାଇଁ ଜନସମର୍ଥନ ଲୋଡ଼ା ଯିବ ବୋଲି କୁହାଯାଇଛି। ପ୍ରଫେସର ଅଟଳ ବିହାରୀ ନାୟକ, ଡା. ରବି ମହାପାତ୍ର, ବିଶ୍ୱନାଥ ଦାସ, ପ୍ର. ଅବନୀ ପ୍ରଧାନ, ସୁରେଶ ମହାପାତ୍ର, ସାଇଗୋପୀନାଥ ପଣ୍ଡା, ବିଜୟ ରାଉତ, ଅକ୍ଷୟ ସେନାପତି, ଲାଲା ସ୍ୱାଇଁ, ନବକିଶୋର ସ୍ୱାଇଁ ପ୍ରମୁଖ ନେତୃତ୍ୱ ନେଇଥିଲେ।

## ସଂକ୍ଷେପରେ

### କାଠ ଜବତ, ୫ ଗିରଫ

କପ୍ତିପଦା,୨୩।୯(ଡି.ଏନ.ଏ.)-କପ୍ତିପଦା ରେଞ୍ଜ ଅଧୀନ ଦେଖାଚତୁରୀ ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ଶାଳ ପଟା ଚାଲାଣ ହେଉଥିବା କପ୍ତିପଦା ରେଞ୍ଜର ମହେଶ୍ୱର ସିଂ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଚଢ଼ାଉ କରି ୫ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଶରତ ଗ୍ରାମର ସୁଧୀର କୁମାର ଦାସ, ସୁମା ଜାମଦା ଓ ସରଡିହା ବାରୁସାହି ଗ୍ରାମର ଲାଦୁରୁ ସିଂ, ସାମା ସିଂ ଓ ଦାମ୍ବଲ ସିଂ। ରାତି ପ୍ରାୟ ୧୨ଟା ପାଖାପାଖି ସମୟରେ ଏକ ଗାଡିରେ ଥିବା ୨୧ ଖଣ୍ଡ ଶାଳ ପଟା ସହିତ ଗାଡିକୁ ଜବତକରି କାର୍ଯ୍ୟାଳୟକୁ ନିଆଯାଇଛି। ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା (ନଂ.୭୯/୧୮-୧୯) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି।

### ଲଗାଣ ବର୍ଷା କରିଛି ବେସାହାରା

ବିଶୋଇ,୨୩।୯(ଡି.ଏନ.ଏ.)-ଗତ ୨୦ ତାରିଖଠାରୁ ଲାଗି ରହିଥିବା ଲଘୁଚାପ ଜନିତ ଲଗାଣ ବର୍ଷା କାରଣରୁ ମୟୂରଭଞ୍ଜ ଜିଲା ବିଶୋଇ ଅଞ୍ଚଳରେ ବହୁ କ୍ଷୟକ୍ଷତି ଘଟିଛି। ବହୁ ଚାଷଜମି ପାଣିରେ ବୁଡି ରହିଛି। ବିଶୋଇ ପଞ୍ଚାୟତରେ କେତେକ ନଡାଛପର ମାଟିଘର ଏକପ୍ରକାର ଭୁଶୁଡି ପଡିଛି। ବିଶୋଇ ଗାଁର ପୂର୍ଣ୍ଣିମା ନାୟକ(୭୦)ଙ୍କ ୨ ବଖରା ଚାଳ ଘରର ଗୋଟିଏ ପାର୍ଶ୍ୱ କାନ୍ଥ ଭାଙ୍ଗିଯାଇଛି। ଏହି ପରିବାର ଅସହାୟ ଅବସ୍ଥାରେ ଅନ୍ୟତ୍ର ଆଶ୍ରୟ ନେଇଛନ୍ତି। ପ୍ରଶାସନ ପକ୍ଷରୁ କ୍ଷୟକ୍ଷତି ଅନୁଧାନ କରି ବିପନ୍ନଙ୍କୁ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରଛନ୍ତି।

### ମୁଁ ହିରୋ ମୁଁ ଓଡିଶା କାର୍ଯ୍ୟକ୍ରମ

କପ୍ତିପଦା,୨୩।୯(ଡି.ଏନ.ଏ.)-କପ୍ତିପଦା କଲେଜରେ ରବିବାର ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ 'ମୁଁ ହିରୋ ମୁଁ ଓଡିଶା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜି.ପି.ଓ ଶଶିଶେଖର ଷଡ଼ଙ୍ଗୀ ଅଧକ୍ଷତା କରିଛନ୍ତି। ମୁଖ୍ୟଅତିଥି ଭାବେ ସ୍ୱତନ୍ତ୍ର ଆଦିବାସୀ ଉନ୍ନୟନ ପରିଷଦର ଅଧକ୍ଷ୍ୟ ଡ. ଦେବାଶିଷ ମାରାଣ୍ଡି ଯୋଗଦେଇ ଏହାର ଶୁଭ ଉଦ୍‌ଘାଟନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସ୍ୱତନ୍ତ୍ର ଅତିଥି ଭାବେ ବ୍ଲକ୍ ଅଧକ୍ଷା ସୁଶିଳା ବାନରା, ମୁଖ୍ୟବକ୍ତା ପୂର୍ବତନ ବିଧାୟକ ଶ୍ରୀନାଥ ସରେନ, ସମ୍ମାନନୀୟ ଅତିଥି ଭାବେ ବିଧାୟକ ପ୍ରତିନିଧି ପ୍ରବୀର ଚନ୍ଦ୍ର ସାଏ ପ୍ରମୁଖ ଉପସ୍ଥିତ ହୋଇ ଗ୍ରାମାଞ୍ଚଳରେ ଲୁକ୍କାୟିତ ପ୍ରତିଭାର ସନ୍ଧାନ କରିବା ଓ ତାକୁ ପ୍ରୋତ୍ସାହନ ଦେଇ ଆଗକୁ ବଢିବାର ପ୍ରୟାସ କରାଇଥିଲେ।

### ଓଏଏସ୍ ପରୀକ୍ଷା ଲାଗି ତାଲିମ



ବାରିପଦା ଅଫିସ,୨୩।୯- ଆଇଏଏସ ଗୁରୁକୁଳ ମିଶନ ବାରିପଦା ପରିସରରେ ଆଦିବାସୀ, ହରିଜନ ଓ ବିପିଏଲ ଛାତ୍ରୀଛାତ୍ରଙ୍କୁ ଓଡ଼ିଆ ପ୍ରଶାସନିକ ସେବା ପାଇଁ ଏକ ମାଗଣା ତାଲିମ ଶିବିର ଉଦ୍‌ଘାଟିତ ହୋଇଛି। ଆଇଏଏସ ଗୁରୁକୁଳ ମିଶନର ନିର୍ଦ୍ଦେଶକ ଡ.ସରୋଜ କୁମାର ନାୟକ ଶିବିରକୁ ଉଦ୍‌ଘାଟନ କରିଥିଲେ। ମୟୂରଭଞ୍ଜ ପରି ଏକ ଆଦିବାସୀ ବହୁଳ ଜିଲାରେ ଗୁରୁକୁଳ ମିଶନ ବିଗତ ଏକ ବର୍ଷ ଧରି ସର୍ବ ଭାରତୀୟ ପ୍ରଶାସନିକ ସେବା ଓ ଓଡ଼ିଶା ପ୍ରଶାସନିକ ସେବା ଭଳି ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା ପାଇଁ ତାଲିମ ପ୍ରଦାନ କାର୍ଯ୍ୟ କରୁଛି ଓ ଆଗାମୀ ଦିନରେ ଗୁଣାତ୍ମକ ଶିକ୍ଷା ପ୍ରଦାନ ସହ ଏହି ମାଗଣା ତାଲିମ ଶିବିର ୭ଦିନ ଧରି ଚାଲିବ। ଉଦ୍‌ଘାଟନୀ ଉତ୍ସବରେ ଅନ୍ୟମାନଙ୍କ ମଧରେ ସମ୍ମାନିତ ଅତିଥି ଭାବେ ଅମିତାଭ ମିଶ୍ର, ଅଧାପକ ଅଶୋକ ପୁଷ୍ଟି ଓ ପୁରନ ବେହେରା ପ୍ରମୁଖ ଯୋଗଦେଇଥିଲେ।

### ବେସରକାରୀ କଲେଜ ଶିକ୍ଷକ ଓ କର୍ମଚାରୀ ସଂଘର ବାର୍ଷିକ ସମ୍ମିଳନୀ

ବାରିପଦା ଅଫିସ,୨୩।୯- ମୟୂରଭଞ୍ଜ ଜିଲା ବେସରକାରୀ କଲେଜ ଶିକ୍ଷକ ଓ କର୍ମଚାରୀ ସଂଘର ବାର୍ଷିକ ସମ୍ମିଳନୀ ରବିବାର ବାରିପଦା ଶ୍ରୀମା ମହିଳା ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ରବି ନାରାୟଣ ଚଉପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟ ସାଧାରଣ ସମ୍ପାଦକ ଚିତ୍ତ ମହାପାତ୍ର, ସଂଗଠନ ସମ୍ପାଦକ ମଦନ ମୋହନ ମହଲା, ରାଜ୍ୟ କୋଷାଧକ୍ଷ ସୁରେନ୍ଦ୍ର ରଥ ପ୍ରମୁଖ ଯୋଗ ଦେଇ ଶିକ୍ଷକ ଓ କର୍ମଚାରୀ ମାନଙ୍କ ବିଭିନ୍ନ ସମସ୍ୟା ଉପସ୍ଥାପନ କରିଥିଲେ। ସପ୍ତମ ବେତନ କମିଶନଙ୍କ ସୁପାରିଶ ଲାଗୁ, ସରକାରୀ କର୍ମଚାରୀଙ୍କୁ ପ୍ରଦାନ କରାଯାଉଥିବା ହାରରେ ଗ୍ରାଚ୍ୟୁଇଟି ଲାଗୁ, ବ୍ଲକ ଗ୍ରାଣ୍ଟ ଉଚ୍ଛେଦ କରି ପୂର୍ଣ୍ଣ ଅନୁଦାନ, ଅବସର ବୟସ ସୀମା ୬୨କୁ ବୃଦ୍ଧି ଆଦି ଦାବି ଗୁଡିକ ପୂରଣ କରିବାରେ ସରକାର ଗୁରୁତ୍ୱ ଦେଇ ନ ଥିବାରୁ ସଂଘ କ୍ଷୋଭ ପ୍ରକାଶ କରିଥିଲା।

# ରେଳପଥ ବିକାଶକୁ ଅବହେଳା

- ବାଙ୍ଗିରିପୋଷି-ଗୋରୁମହିଷାଣି, ବାଦାମପାହାଡ଼-କେନ୍ଦୁଝର ନୂତନ ରେଳପଥ ସଂଯୋଗ ଦାବି
- ଦକ୍ଷିଣ-ପୂର୍ବ ରେଳବିଭାଗ ସହିତ ଏମ୍‌ପିଙ୍କ ଆଲୋଚନା

ବିଶୋଇ,୨୩।୯(ଡି.ଏନ.ଏ.)

ମୟୂରଭଞ୍ଜ ଜିଲାକୁ ଗଡଜାତ ଶାସନ ସମୟରେ ରେଳପଥ ସଂଯୋଗ ହୋଇଥିଲେ ବି ଏହାର ଉନ୍ନତୀକରଣ ଓ ସମ୍ପ୍ରସାରଣ ପ୍ରତି କ୍ରମାଗତ ଅଣଦେଖା କରାଯାଇଆସୁଛି। ଦକ୍ଷିଣ-ପୂର୍ବତଟ ରେଳପଥ ବିଭାଗ ଅନ୍ତର୍ଭୁକ୍ତ ମୟୂରଭଞ୍ଜ ଜିଲା ପ୍ରତି ଉପେକ୍ଷା ନେଇ ଜନଅସନ୍ତୋଷ ତେଜିବାରେ ଲାଗିଛି। ବାରମ୍ବାର ଦାବି ଓ ଆନ୍ଦୋଳନ ପରେ ରେଳବିଭାଗ ରୁପ୍ସା-ବାଙ୍ଗିରିପୋଷି ଓ ଟାଟାନଗର-ବାଦାମପାହାଡ଼ ରେଳ ପଥରେ ବୈଦ୍ୟୁତିକ ସଂଯୋଗ ପାଇଁ ବ୍ୟୟବରାଦ ହୋଇଥିଲେ ମଧ ବାଙ୍ଗିରିପୋଷି-ଗୋରୁମହିଷାଣି, ବାଦାମପାହାଡ଼-କେନ୍ଦୁଝର ନୂତନ ରେଳପଥ ସଂଯୋଗ ଦାବିକୁ ଅଣଦେଖା କରିଆସୁଛି।

ମୟୂରଭଞ୍ଜ ଜିଲାରେ ଶିମିଳିପାଳ ଅଭୟାରଣ୍ୟ ଭଳି ବିଭିନ୍ନ ପର୍ଯ୍ୟଟନସ୍ଥଳୀ ରହିଛି। ଏହି ଅଞ୍ଚଳକୁ ନିୟମିତ ବହୁ ପର୍ଯ୍ୟଟକ ଆସୁଛନ୍ତି। ରେଳପଥର ବିକାଶ ସାଙ୍ଗକୁ ରେଳଯାତ୍ରୀଙ୍କ ପାଇଁ ସୁବିଧା କରାଗଲେ ପର୍ଯ୍ୟଟନ ଶିଳ୍ପର ବିକାଶ ଘଟିପାରନ୍ତା। ରେଳଯାତ୍ରୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି ବାରିପଦା ରେଳଷ୍ଟେଶନକୁ ଏନ୍‌ଏସ୍‌ଜି -୫ ଶ୍ରେଣୀରୁ ଏନ୍‌ଏସ୍‌ଜି -୪ ଶ୍ରେଣୀକୁ ପରିବର୍ତ୍ତନ କରିବା, ବାରିପଦାସ୍ଥିତ ଭଞ୍ଜପୁର ରେଳ ଷ୍ଟେଶନରେ ମାଲବାହୀ ଟ୍ରେନ୍ ରହଣି, ପୁରୀକୁ ସାପ୍ତାହିକ ସ୍ୱତନ୍ତ୍ର ଟ୍ରେନ୍ ଚାଲିବା, ପ୍ରତିଦିନ ବାଙ୍ଗିରିପୋଷିରୁ ଭୁବନେଶ୍ୱର ପର୍ଯ୍ୟନ୍ତ ଚାଲୁଥିବା ବାଙ୍ଗିରିପୋଷି-ଭୁବନେଶ୍ୱର ସୁପରଫାଷ୍ଟ ଏକ୍ସପ୍ରେସକୁ ରାଜାଲକା, ବୁଡାମରା, କୁଚେଇ ଓ ଜାମଶୋଳା ଷ୍ଟେଶନରେ ରହଣି ବ୍ୟବସ୍ଥା କରିବା ଲାଗି ଅଞ୍ଚଳବାସୀ ଓ ରାଜନେତା ଦାବି କରିଆସୁଛନ୍ତି। ଏହି ପରିପ୍ରେକ୍ଷୀରେ ଏମ୍‌ପି ଇଂ. ରାମଚନ୍ଦ୍ର ହାଁସଦା ଗତ ୧୯ ତାରିଖରେ କୋଲକାତା ସ୍ଥିତ ଦକ୍ଷିଣ-ପୂର୍ବତଟ ରେଳପଥର ମୁଖ୍ୟ କାର୍ଯ୍ୟାଳୟକୁ ଯାଇ ବିଭାଗର ବି.ଏମ. ଏବଂ ଅନ୍ୟ ଉଚ୍ଚପଦସ୍ଥ ପଦାଧିକାରୀଙ୍କୁ ଭେଟି ଏସବୁ ଦାବି ସମ୍ପର୍କରେ ଆଲୋଚନା କରିଛନ୍ତି।

ହାଁସଦା ଦର୍ଶାଇଛନ୍ତି ଯେ, ଜିଲାରେ ରେଳପଥର ସମ୍ପ୍ରସାରଣ ଓ ଉନ୍ନତୀକରଣ ହେଲେ ଅଧିକ ରାଜସ୍ୱ ଆୟ ହୋଇପାରିବ। ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲାରେ ଅର୍ଥନୈତିକ ବିକାଶ ଘଟିପାରିବ। ଏସବୁ ଦାବି ପୂରଣ ଦିଗରେ ରେଳ ବିଭାଗ ଓ କେନ୍ଦ୍ର ସରକାର ଉଦାସୀନ ରହିବା ଏକ ବିଡମ୍ବନା। ଏହା ଜିଲାବାସୀଙ୍କ ମନରେ ନାନା ସନ୍ଦେହ ଓ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଦେଶ ସ୍ୱାଧୀନ ହେବା ପୂର୍ବରୁ ଜିଲାରେ ରେଳପଥ ନିର୍ମାଣ ହେବା ଏକ ଗୌରବର ବିଷୟ। ସେ ସମୟରେ ଚାଲୁଥିବା 'ନେରଗଜ ଷ୍ଟିମ୍ ଇଞ୍ଜିନ ଓ କୋଚ' ବର୍ତ୍ତମାନ ପରିତ୍ୟକ୍ତ ଅବସ୍ଥାରେ ପଡିରହିଛି। ସେସବୁକୁ ସଂଗ୍ରହ କରି ରାଜାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଜିଲା ସଦରମହକୁମା ବାରିପଦାଠାରେ ଏକ 'ରେଳ ସଂଗ୍ରହାଳୟ' ଖୋଲାଯାଉ ବୋଲି ହାଁସଦା ଦାବି କରିଛନ୍ତି। ବାଙ୍ଗିରିପୋଷିରୁ ଗୋରୁମହିଷାଣି ଏବଂ ବାଦାମପାହାଡ଼ଠାରୁ କେନ୍ଦୁଝର ପର୍ଯ୍ୟନ୍ତ ନୂତନ ରେଳପଥ ସଂଯୋଗକୁ ଗୁରୁତ୍ୱ ଦେବା ସକାଶେ ସେ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିବା କହିଛନ୍ତି।

## ରାଜ୍ୟସ୍ତରୀୟ ଖୋଖୋକୁ ଉନ୍ନୀତ ଛାତ୍ର ସମ୍ବର୍ଦ୍ଧିତ

କପ୍ତିପଦା,୨୩।୯(ଡି.ଏନ.ଏ.)

କପ୍ତିପଦା ବ୍ଲକ୍ ଅଧୀନ ସୋଲଗଡିଆ ଉନ୍ନିତ ଉଚ୍ଚ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀର ଛାତ୍ର ଜନ୍ମେଜୟ ବେହେରା ଖୋଖୋ ଖେଳରେ ଉନ୍ନତମାନର ଖେଳ ପ୍ରଦର୍ଶନ କରି ରାଜ୍ୟସ୍ତରକୁ ଉନ୍ନୀତ ହୋଇଥିବା ଜଣାଯାଇଛି। ସେ ବ୍ଲକସ୍ତରୀୟ ଖେଳକୁଦ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରି ଜିଲାସ୍ତରକୁ ଯାଇଥିବା ବେଳେ ଜିଲାସ୍ତରରେ ମଧ୍ୟ ଉନ୍ନତ ଖେଳ ପ୍ରଦର୍ଶନ କରି ବିଚାରକ ମଣ୍ଡଳୀର ଦୃଷ୍ଟି ଆକର୍ଷଣ କରିଛନ୍ତି। ଏ ଖବର ପ୍ରଚାରିତ ହେବା ପରେ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଶିକ୍ଷକ ଛାତ୍ରୀଛାତ୍ର ଓ ପରିଚାଳନା କମିଟି ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ଏହି ଅବସରରେ ଏକ ସମ୍ବର୍ଦ୍ଧନା ଉତ୍ସବ ସହକାରୀ ଶିକ୍ଷକ ରାଜକିଶୋର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଛି। ଏଥିରେ ପ୍ରଧାନଶିକ୍ଷକ ପ୍ରଦୀପ କୁମାର ପାଣିଗ୍ରାହୀ, ବିଜୟ କୁମାର ନନ୍ଦ, ପରିଚାଳନା କମିଟି ସଭାପତି ନିରଞ୍ଜନ ଧଳ, ଶିକ୍ଷକ ସଂଗ୍ରାମ କେଶରୀ ଶତପଥୀ, ବାବୁରାମ ସେଠୀ ତୁଳସୀ ସାମଲ ଓ କମଳା ଦାସ ଓ ସଦସ୍ୟ ସଞ୍ଜୟ ମହାପାତ୍ର ପ୍ରମୁଖ ଉପସ୍ଥିତ ହୋଇ ତାଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ଉତ୍ସାହିତ କରିଛନ୍ତି। ତାଙ୍କ ଘର କଳମଗଡିଆରେ ହୋଇଥିବା ବେଳେ ଛାତ୍ରାବାସରେ ରହି ପାଠ ପଢୁଥିବା ଜଣାଯାଇଛି। ଏହି ଉତ୍ସବରେ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ମଧ ଉପସ୍ଥିତ ରହି ଜନ୍ମେଜୟଙ୍କର ଶୁଭକାମନା କରିଛନ୍ତି।



ଜନ୍ମେଜୟଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ଅଚିହ୍ନା ଯୁବକଙ୍କ ମୃତଦେହ ଉଦ୍ଧାର

ବହଳଦା,୨୩।୯(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ବହଳଦା ଅଞ୍ଚଳର ପଡା ଗାଁ (ହାମଲେଟ) ଜାଲାଡାଣ୍ଡି ନିକଟ ଖଡକାଇ ନଦୀକୂଳରେ ଏକ ଗଛରୁ ଝୁଲନ୍ତା ଅବସ୍ଥାରେ ଜଣେ ଯୁବକଙ୍କ ମୃତଦେହ ବହଳଦା ପୋଲିସ ଉଦ୍ଧାର କରିଛି। ନିକଟସ୍ଥ ଗ୍ରାମବାସୀଙ୍କ ଠାରୁ ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚିଥିଲା। ଏହା ଆତ୍ମହତ୍ୟା ନା କେହି ହତ୍ୟା କଲାପରେ ଏଠି ଝୁଲେଇଛି ସେନେଇ ସନ୍ଦେହ ପ୍ରକାଶ ପାଇଛି। ଯୁବକଙ୍କ ପରିଚୟ ଏଯାଏ ମିଳିପାରିନାହିଁ। ପୋଲିସ ଏନେଇ ଏକ ମାମଲା (ନଂ.୧୧/୧୮)ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ରାଇରଙ୍ଗପୁର ପଠାଇଛି। ବ୍ୟବଚ୍ଛେଦ ରିପୋର୍ଟ ମିଳିବାପରେ ଘଟଣାର ସତ୍ୟାସତ୍ୟ ଜଣାପଡ଼ିବ ବୋଲି ପୋଲିସ କହିଛି।

# ଉପାନ୍ତବାସୀଙ୍କୁ ମିଳୁନି ସ୍ୱାସ୍ଥ୍ୟସେବା

**ବିନା ଡାକ୍ତରରେ ଚାଲିଛି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର**

ଭଞ୍ଜକିଆ,୨୩।୯(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ରରୁଆଁ ବ୍ଲକ ଅନ୍ତର୍ଗତ ଭଞ୍ଜକିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର (ନୂତନ)ରେ ୮ ମାସ ହେବ ଡାକ୍ତର ପଦବୀ ଖାଲିପଡ଼ିଛି। ଜଣେ ଫାର୍ମାସିଷ୍ଟ ରୋଗୀ ଦେଖୁଛନ୍ତି। ଏଥିଲାଗି ଡାକ୍ତରଖାନା ଉପରେ ନିର୍ଭର କରୁଥିବା ଅଞ୍ଚଳବାସୀ ଉପଯୁକ୍ତ ଚିକିତ୍ସା ସେବା ନ ପାଇ ହତାଶ ହେଉଛନ୍ତି। ଜଣେ ମହିଳା ସ୍ୱାସ୍ଥ୍ୟକର୍ମୀ ଏଠାରେ ରୋଗୀଙ୍କ ଚିକିତ୍ସା କାର୍ଯ୍ୟ କରୁଥିବା ଦେଖାଯାଉଛି। ଏଭଳି ସ୍ଥିତିରେ ଜରୁରୀ ଚିକିତ୍ସା ଲାଗି ରୋଗୀମାନେ ଦୂର ସ୍ଥାନକୁ ଯିବାକୁ ବାଧ ହେଉଛନ୍ତି।

ଝାଡ଼ଖଣ୍ଡକୁ ଲାଗିଥିବା ଜିଲାର ଏହି ଉପାନ୍ତ ଇଲାକାରେ ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବା ସକାଶେ ସରକାରୀ ସ୍ତରରେ ହୋଇଥିବା ଯୋଜନା ଫେଲ୍ ମାରିଛି। ପ୍ରଶାସନିକ ଅବହେଳା ଯୋଗୁ ୨୦୦୬ରେ ଉଦ୍‌ଘାଟିତ ହୋଇଥିବା ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରସୂତି ଗୃହର ତାଲା ଏଯାଏ ଖୋଲା ଯାଇନାହିଁ। ଉକ୍ତ ଗୃହ ଏବେ ଭୂତକୋଠି ପାଲଟିଛି। ବିଭାଗୀୟ ଅଧିକାରୀ ସମସ୍ୟା ପ୍ରତି ଦୃଷ୍ଟି ଦେଉ ନ ଥିବାରୁ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡିଛି। ଉଲ୍ଲେଖନୀୟ ଯେ, ଭଞ୍ଜକିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲିବା ପରେ ଏହା ଉପରେ ଅଞ୍ଚଳବାସୀଙ୍କ ସମେତ ପଡୋଶୀ ଝାଡଖଣ୍ଡର ଆଖପାଖ ଅଞ୍ଚଳର ଲୋକେ ସ୍ୱାସ୍ଥ୍ୟସେବା ପାଇଁ ନିର୍ଭର କରୁଥିଲେ। ଡାକ୍ତର ଅଭାବ ସମସ୍ୟା ନେଇ ଗତ ବର୍ଷ ଜୁନ୍‌ରେ ଭଞ୍ଜକିଆ ସରପଞ୍ଚଙ୍କ ନେତୃତ୍ୱରେ ସ୍ଥାନୀୟ ଲୋକପ୍ରତିନିଧି ଓ ଗ୍ରାମବାସୀ ମିଳିତ ଭାବେ ନିଯୁକ୍ତି ଦାବିରେ ଧାରଣା ଦେଇଥିଲେ। ସେତେବେଳେ ଲୋକଙ୍କ ଦାବି କ୍ରମେ ଡେପୁଟେଶନରେ ଥିବା ଡାକ୍ତରଙ୍କୁ ଭଞ୍ଜକିଆ ପିଏଚସିରେ ନିଯୁକ୍ତି ଦିଆଯାଇଥିଲା। ପରେ ତାଙ୍କର ଅନ୍ୟତ୍ର ବଦଳି ହୋଇଯିବାରୁ ବିନା ଡାକ୍ତରରେ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଚାଲୁଛି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ନ ଦେଲେ ଉପାନ୍ତବାସୀ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ମାଟି କାନ୍ଥ ପଡି ୨ ମୃତ

ବାଙ୍ଗିରିପୋଷି,୨୩।୯(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ନିଶ୍ଚିନ୍ତା ପଞ୍ଚାୟତର ବଡପଥରଖମ ଗ୍ରାମରେ ଘରର ମାଟି କାନ୍ଥ ପଡିଯିବାରୁ ସୁକୁମାରୀ ପାତ୍ର(୭୦) ନାମକ ଜଣେ ବୃଦ୍ଧା ମୃତ୍ୟୁବରଣ କରିଛନ୍ତି। ସୁକୁମାରୀ ଗତ ଶନିବାର ନିଜ ଘର ନିକଟରେ ବସି ଦାନ୍ତ ଘଷୁଥିବା ବେଳେ ଲଗାଣ ବର୍ଷାରେ ଓଦା ହୋଇ ଯାଇଥିବା ଉକ୍ତ ଘରର କାନ୍ଥଟି ହଠାତ ଭାଙ୍ଗିଯାଇଥିଲା। ଫଳରେ ମାଟି କାନ୍ଥ ତଳେ ସେ ଚାପି ହୋଇ ଯାଇଥିଲେ। ପରିବାର ଲୋକେ ଉଦ୍ଧାର କରି ତାଙ୍କୁ ପ୍ରଥମେ ବାଙ୍ଗିରିପୋଷି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ପରେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ବାରିପଦା ପିଆରଏମ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ପରିବାର ଅତ୍ୟନ୍ତ ଗରିବ ହୋଇଥିବାରୁ ତାଙ୍କୁ ପ୍ରଶାସନ ତରଫରୁ ସାହାଯ୍ୟ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ସେହିପରି ଶ୍ୟାମସୁନ୍ଦରପୁର ପଞ୍ଚାୟତର ଅଁଳାଗୁଞ୍ଜା ଗ୍ରାମର ହରିହର ଗିରିଙ୍କ ପୁଅ ରତିକାନ୍ତ ଗିରି(୩୦) ଘର ପାଖ ଦେଇ ଯାଉଥିବା ବେଳେ ତାଙ୍କ ଉପରେ କାନ୍ଥ ପଡିଯାଇଥିଲା। ପିଆରଏମ ମେଡିକାଲ କଲେଜ ପରେ ତାଙ୍କୁ କଟକ ବଡ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା।

## ବହଳଦାରେ ଦେବାଶିଷ

ବହଳଦା,୨୩।୯(ଡି.ଏନ.ଏ.)

ମୟୂରଭଞ୍ଜ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧକ୍ଷ ଡ. ଦେବାଶିଷ ମାରାଣ୍ଡି ବହଳଦା ଅଞ୍ଚଳ ଗ୍ରସ୍ତ କରି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ତିରିଂ ବ୍ଲକ ମହୁଲଡିହାଠାରେ ଜାନ୍ତାଳ ଉତ୍ସବରେ ଯୋଗଦେବା ପରେ ସନ୍ଧ୍ୟା ବେଳେ ବହଳଦା ମା' କିଚକେଶ୍ୱରୀଙ୍କ ମନ୍ଦିରରେ ପହଞ୍ଚି ମା'ଙ୍କ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ।

# ଘନେଇଲା ସୁପରିଣ୍ଟେଣ୍ଡେଣ୍ଟ-ଜିଲାପାଳ ବିବାଦ

- ଜେଏମଏମ, ମାସା ପକ୍ଷରୁ ଆନ୍ଦୋଳନ ଚେତାବନୀ
- ଜିଲାପାଳଙ୍କ ସପକ୍ଷରେ ପ୍ରଶାସନିକ ଅଧିକାରୀ

ବାରିପଦା ଅଫିସ,୨୩।୯

ପିଆରଏମ୍ ମେଡିକାଲ କଲେଜ ପାଇଁ ସ୍ୱାସ୍ଥ୍ୟ ବିକାଶ ସମିତି ବୈଠକର ନିଷ୍ପତ୍ତି କାର୍ଯ୍ୟକାରୀ କରିବା ନେଇ ସୃଷ୍ଟି ହୋଇଥିବା ବିବାଦୀୟ ସ୍ଥିତି ଭିନ୍ନ ମୋଡ଼ ନେବାରେ ଲାଗିଛି। ଏହାକୁ ନେଇ ମୟୂରଭଞ୍ଜ ଜିଲାପାଳ ବିନୀତ ଭରଦ୍ୱାଜ ଓ ମେଡିକାଲ କଲେଜର ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ଡାକ୍ତର ନରେନ୍ଦ୍ରନାଥ ସୋରେନଙ୍କ ମଧ୍ୟରେ ଦେଖା ଦେଇଥିବା ବିବାଦ ଜିଲାର ପ୍ରଶାସନିକ ଓ ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ହୋଇଛି। ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମଏମ) ଏବଂ ମୟୂରଭଞ୍ଜ ଆଦିବାସୀ ଛାତ୍ର ସଂଗଠନ (ମାସା) ସୁପରିଣ୍ଟେଣ୍ଡେଣ୍ଟଙ୍କୁ ସମର୍ଥନ ଜଣାଇ ବିବୃତି ଦେଇଥିବାବେଳେ କେତେକ ପ୍ରଶାସନିକ ଅଧିକାରୀ ଜିଲାପାଳ ଭରଦ୍ୱାଜଙ୍କ ସପକ୍ଷରେ ସ୍ୱର ଉଠାଇଛନ୍ତି। ଏହାକୁ ନେଇ ଜିଲାରେ ରାଜନୈତିକ ଉଷ୍ମତା ପରିଲକ୍ଷିତ ହୋଇ ଚର୍ଚ୍ଚା ଲାଗି ରହିଛି।

ଜେଏମଏମର ଜିଲା ସଭାପତି ଫାଗୁ ହାଁସଦା ରବିବାର ଏକ ପ୍ରେସ ବିବୃତି ଦେଇ କହିଛନ୍ତି ଯେ, ମେଡିକାଲ କଲେଜ ସୁପରିଣ୍ଟେଣ୍ଡେଣ୍ଟ ଜଣେ ଆଦିବାସୀ। ତାଙ୍କୁ ମାନସିକ ନିର୍ଯାତନା ଦିଆଯିବା ଗ୍ରହଣଯୋଗ୍ୟ ନୁହେଁ। ଏହାକୁ ତାଙ୍କ ଦଳ ନିନ୍ଦା କରୁଛି। ମେଡିକାଲ କଲେଜର ଗୁରୁତ୍ୱପୂର୍ଣ୍ଣ ପଦବୀରେ ଥିବା ଡା. ସୋରେନଙ୍କୁ ଗୁରୁତ୍ୱ ଦେଇ ଜିଲାପାଳ ତାଙ୍କ କଥା ଶୁଣିବା ଆବଶ୍ୟକ ଥିଲା। ରାଜ୍ୟ ସରକାର ଏହାର ଉଚ୍ଚସ୍ତରୀୟ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବା ଦରକାର। ତା' ନ ହେଲେ ଜେଏମଏମ ଜିଲା ବ୍ୟାପୀ ଆନ୍ଦୋଳନ କରିବ ବୋଲି ହାଁସଦା ଜଣାଇଛନ୍ତି। ଅନ୍ୟପକ୍ଷେ ଦଳୀୟ ଆକ୍ରୋଶ ରଖି ଜେଏମଏମ ଜିଲାପାଳଙ୍କୁ ଏଭଳି ସମାଲୋଚନା କରିଥିବା ବୋଲି ଜିଲାର ଜଣେ ପ୍ରଶାସନିକ ଅଧିକାରୀ ନିଜ ନାମ ଗୋପନରେ ରଖି କହିଛନ୍ତି। କିଛି ଦିନ ତଳେ ଜେଏମଏମ ଜିଲା ବ୍ୟାପୀ ବନ୍ଦ ପାଳନ କରୁଥିବା ବେଳେ ଜିଲାପାଳ ଭରଦ୍ୱାଜ ନିଜ କାର୍ଯ୍ୟାଳୟକୁ ଆସି କାର୍ଯ୍ୟ କରିଥିଲେ। ସେତେବେଳେ ଜେଏମଏମ ଏହାକୁ ବିରୋଧ କରି କୁଶପୁତ୍ତଳିକା ଦାହ କରିଥିଲା। ଜେଏମଏମ ଏବେ ଆଦିବାସୀ କାର୍ଡ ଖେଳି ଜିଲାପାଳଙ୍କୁ ବିରୋଧ କରୁଛି। ଜିଲାପାଳଙ୍କ ପ୍ରତି ପ୍ରଶାସନିକ ସ୍ତରରେ ସମ୍ପୂର୍ଣ୍ଣ ସମର୍ଥନ ରହିଛି ବୋଲି ସେ କହିଛନ୍ତି। ଉଲ୍ଲେଖନୀୟ ଯେ, ମେଡିକାଲ କଲେଜ ସୁପରିଣ୍ଟେଣ୍ଡେଣ୍ଟ ଡା. ସୋରେନ ହସ୍ପିଟାଲ ମ୍ୟାନେଜର ଡା. ସମୀର ମହାପାତ୍ରଙ୍କ ସହିତ ଗତ ୨୦ ତାରିଖ ସନ୍ଧ୍ୟା ସମୟରେ ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟକୁ ଯାଇ ସ୍ୱାସ୍ଥ୍ୟ ବିକାଶ ସମିତି ବୈଠକର ଫାଇଲରେ ଆବଶ୍ୟକ ସଂଶୋଧନ କରିବାକୁ ଜିଲାପାଳଙ୍କୁ କହିଥିଲେ। ମେଡିକାଲରେ ଆବଶ୍ୟକ କର୍ମଚାରୀ ନ ଥିବାରୁ ପ୍ରସ୍ତୁତ ହୋଇଥିବା ରିପୋର୍ଟରେ ଯାଞ୍ଚ ଆବଶ୍ୟକ ବୋଲି ସେ ଦର୍ଶାଇଥିଲେ। ଜିଲାପାଳ ଭରଦ୍ୱାଜ ଏହି ଘଟଣାରେ ବିରକ୍ତି ପ୍ରକାଶ କରିଥିଲେ। ତେବେ ଏଭଳି ବ୍ୟବହାର ତାଙ୍କ ସ୍ୱାଭିମାନକୁ ଆଞ୍ଚ ଆଣିଛି ବୋଲି ସୁପରିଣ୍ଟେଣ୍ଡେଣ୍ଟ ଡା. ସୋରେନ ଦର୍ଶାଇ ସେହି ରାତିରେ ତାଙ୍କ ହ୍ୱାଟସ୍ ଆପରେ ରାଜ୍ୟ ସ୍ୱାସ୍ଥ୍ୟ ସଚିବଙ୍କୁ ଅବଗତ କରାଇଥିଲେ। ଘଟଣାର ସମାଧାନ ନ ହେଲେ ତାଙ୍କୁ ପଦବୀରୁ ଅବ୍ୟାହତି ଦିଆଯାଉ ବୋଲି ସେ ମଧ ଜଣାଇଥିଲେ। ବର୍ତ୍ତମାନ ଏହି ଘଟଣା ବିବାଦ ଘେରକୁ ଟାଣି ହୋଇଯାଇଛି। ମାସାର ରାଜ୍ୟ ଅଧକ୍ଷ ସୁକୁଲାଲ ମାରାଣ୍ଡି ଅନୁରୂପ ସୁପରିଣ୍ଟେଣ୍ଡେଣ୍ଟ ଡା. ସୋରେନଙ୍କୁ ସମର୍ଥନ କରି ତାଙ୍କୁ ଖରାପ ବ୍ୟବହାର କରାଯିବା ଘଟଣାକୁ ନିନ୍ଦା କରିଛି।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ balasoreselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



## ସେଲ୍‌ଫି କର୍ଣ୍ଣର



@ ଆରତ



@ ଅଜିତ



@ ମହେନ୍ଦ୍ର



@ ଶେହବୁର



@ କାହ୍ନୁ

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | balasoreselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ସୋମବାର, ସେପ୍ଟେମ୍ବର ୨୪/୨୦୧୮ Balasore, Monday, September 24/ 2018

# ନବବଧୂଙ୍କ ମୃତ୍ୟୁ, ବାପଘର ଆଣିଲେ ହତ୍ୟା ଅଭିଯୋଗ

**ବସ୍ତା,୨୩।୯(ସ୍ୱ.ପ୍ର):** ବସ୍ତା ଥାନା ଅନ୍ତର୍ଗତ ମୁକୁଲିସି ପଞ୍ଚାୟତର ଦୁଦ ଗ୍ରାମର ଜଣେ ନବବଧୂ ଫାଶୀଦେଇ ଆତ୍ମହତ୍ୟା କରିଛନ୍ତି। ଆତ୍ମହତ୍ୟାର କାରଣ ଜଣାପଡ଼ି ନ ଥିବା ବେଳେ ତାଙ୍କ ବାପ ଘର ପକ୍ଷରୁ ହତ୍ୟା କରାଯାଇଥିବା ନେଇ ଅଭିଯୋଗ ହୋଇଛି। ଏହି ଗ୍ରାମର ଭାସ୍କର ଭଞ୍ଜଙ୍କ ପୁଅ ବିନୟ ଗତ ଜୁଲାଇ ୧୫ରେ ଜଳେଶ୍ୱର ଥାନା ଶିଖରପୁର ପଞ୍ଚାୟତ ଚକହରି ଗ୍ରାମର ଅଭିମନ୍ୟୁ ଓଝାଙ୍କ ଝିଅ ଶୁଭଶ୍ରୀଙ୍କୁ ବିବାହ କରିଥିଲେ। ବିନୟ ପୁନେର ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରନ୍ତି। ବିବାହ ପରେ ସବୁକିଛି ଠିକ୍‌ଠାକ୍ ଥିଲା। ଗଣେଶ ପୂଜା ପୂର୍ବରୁ ଶୁଭଶ୍ରୀ ନିଜ ବାପାଘରକୁ ଯାଇ ଶାଶୁ ଶ୍ୱଶୁର ତୀର୍ଥଭ୍ରମଣରେ ଯିବା ପାଇଁ ସ୍ଥିରୀକୃତ ହୋଇଥିବାରୁ ୧୮ତାରିଖରେ ଶାଶୁଘରକୁ ଆସିଥିଲେ। ଘରେ ଶୁଭଶ୍ରୀ ଓ ତାଙ୍କର ଜଣେ ନଣନ୍ଦ ରହୁଥିଲେ। ଶନିବାର ଅପରାହ୍ନରେ କବାଟ ବନ୍ଦ କରି ଘର ଭିତରେ ସେ ଆତ୍ମହତ୍ୟା କରିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରି ବସ୍ତା ଡାକ୍ତରଖାନା ଆଣିଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଶୁଭଶ୍ରୀଙ୍କ ବାପଘର ଲୋକେ ଡାକ୍ତରଖାନାରେ ପହଞ୍ଚି ତାଙ୍କ ଝିଅକୁ ମାରି ଦିଆଯାଇ ଆତ୍ମହତ୍ୟାର ରୂପ ଦିଆଯାଇଥିବା ଗଣମାଧ୍ୟମ ଆଗରେ କହିଛନ୍ତି। ପୋଲିସ ଡାକ୍ତରଖାନାରେ ପହଞ୍ଚି ଶବକୁ ଜବତ କରିବା ସହ ଏକ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ବାଲେଶ୍ୱର ପଠାଇଛି। ଖବର ଲେଖା ହେବା ପର୍ଯ୍ୟନ୍ତ ଶୁଭଶ୍ରୀଙ୍କର ସ୍ୱାମୀ, ଶାଶୁ ଓ ଶ୍ୱଶୁର ଘରେ ପହଞ୍ଚି ନାହାନ୍ତି।

# ଛାତ୍ରୀଙ୍କୁ ଅପହରଣ ନେଇ ମାମଲା

**ଜଳେଶ୍ୱର, ୨୩।୯ (ଡି.ଏନ୍.ଏ.):** ସିଂଲା ଥାନା ଅଞ୍ଚଳର ଜଣେ ୧୬ ବର୍ଷୀୟା ନାବାଳିକାଙ୍କୁ ଜଣେ ଯୁବକ ଅପହରଣ କରିନେଇଥିବା ନେଇ ଜଳେଶ୍ୱର ଥାନାରେ ଅଭିଯୋଗ ହୋଇଛି। ନାବାଳିକାଙ୍କ ପରିବାର ତରଫରୁ ଜଳେଶ୍ୱର ଥାନାରେ ଲିଖିତ ଅଭିଯୋଗ ଦେବା ପରେ ଥାନାରେ ଏକ ମାମଲା (ନଂ.୨୮୮/୧୮) ରୁଜୁ ହୋଇ ତଦନ୍ତ ଆରମ୍ଭ ହୋଇଛି।

# ପୋଖରୀରୁ ଗର୍ଭବତୀଙ୍କ ମୃତଦେହ ଉଦ୍ଧାର

**ଖଇରା, ୨୩।୯ (ଡି.ଏନ.ଏ):** ସିମୁଳିଆ ଥାନା ଅନ୍ତରା ପଞ୍ଚାୟତ ମହତୀପୁର ଗ୍ରାମର ବାସୁଦେବ ଜେନାଙ୍କ ପତ୍ନୀ ଝୁନୁ(୨୫)ଙ୍କ ମୃତଦେହ ତାଙ୍କ ଘର ପାଖ ପୋଖରୀରୁ ରବିବାର ଉଦ୍ଧାର କରାଯାଇଛି । ସିମୁଳିଆ ପୋଲିସ ବିଳମ୍ବରେ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିଛି । ବାସୁଦେବ ବାହାରେ ରହୁଥିବା ବେଳେ ଝୁନୁ ଶନିବାର ପୂର୍ବାହ୍ନରୁ ନିଖୋଜ ଥିଲେ। ବାସୁଦେବଙ୍କ ଅନୁପସ୍ଥିତିରେ ତାଙ୍କ ଘରେ ଅନେକ ସମୟରେ ପାଟିତୁଣ୍ଡ ହେଉଥିଲା ବୋଲି ଗ୍ରାମବାସୀ କହିଛନ୍ତି। ଶ୍ୱଶୁର ଘର ଲୋକେ ଝୁନୁ ଆତ୍ମହତ୍ୟା କରିଥିବା କହୁଥିବା ବେଳେ ବାପଘର ପକ୍ଷରୁ ହତ୍ୟା ଅଭିଯୋଗ କରାଯାଇଛି। ଝୁନୁ ୯ମାସ ଗର୍ଭବତୀ ଥିଲେ। ଝୁନୁ ୯ ମାସର ଗର୍ଭବତୀ ଥିଲେ। ଭଦ୍ରକ ଗ୍ରାମାଞ୍ଚଳ ଥାନା ଚିଡ଼ିଆ ଗ୍ରାମର ସରୋଜ ଜେନାଙ୍କ ଝିଅ ଝୁନୁ ବର୍ଷେ ତଳେ ବାସୁଦେବଙ୍କୁ ବିବାହ କରିଥିଲେ ।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ସନ୍ଧ୍ୟାରେ ବାହାରିଲା ଶୋଭାଯାତ୍ରା

ବାଲିଆପାଳ, ୨୩।୯ (ଡି.ଏନ.ଏ.): ଶୁକ୍ରବାର ଦିନସାରା ବାଲିଆପାଳ ଅଞ୍ଚଳରେ ମୁଷଳ ଧାରାରେ ବର୍ଷା ଲାଗିରହିଥିବାରୁ ମୁସଲିମ୍ ସମ୍ପ୍ରଦାୟ ପକ୍ଷରୁ ତାଜିଆ ଶୋଭାଯାତ୍ରା ବାହାରିପାରି ନ ଥିଲା। ସନ୍ଧ୍ୟାରେ ବର୍ଷା କମିବା ପରେ ଜଗତିପୁର ପଞ୍ଚାୟତ ମେଣ୍ଢାପଡ଼ା ବସ୍ତିରୁ ଏକ ବିଶାଳ ଶୋଭାଯାତ୍ରା ବାହାରି ରତାଇ ହାଟ ପର୍ଯ୍ୟନ୍ତ ଯାଇଥିଲା। ଶୋଭା ଯାତ୍ରାରେ ଥିବା ସଂଖ୍ୟାଲଘୁ ସମ୍ପ୍ରଦାୟର ଯୁବକମାନେ ବାଡ଼ି, ଖଣ୍ଡା ଆଦି ଆଖଡ଼ା ଖେଳ ଦେଖାଇଥିଲେ। ଏଥିରେ ମୁସଲମାନ ଭାଇମାନଙ୍କ ସହିତ ହିନ୍ଦୁ ସମ୍ପ୍ରଦାୟର ବହୁ ଲୋକ ସାମିଲ ହୋଇଥିଲେ।

# କାର୍ଯ୍ୟାଳୟ ଆଗରେ ଆନ୍ଦୋଳନ

### ଗୃହ ନିର୍ମାଣ କରି ବିଲ୍ ମିଳୁନି

ବାଲିଆପାଳ, ୨୩।୯(ଡି.ଏନ.ଏ.)

ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବିଜୁ ପକ୍କାଘର ଆଦି ଗୃହ ନିର୍ମାଣ କାର୍ଯ୍ୟ ଟାର୍ଗେଟ ପୂରଣ କରିବାରେ ବାଲିଆପାଳ ବ୍ଲକ ଜିଲାରେ ପ୍ରଥମ ହୋଇ ପୁରସ୍କୃତ ହୋଇଥିଲା। ଅନେକ ସ୍ଥାନରେ ଗୃହ ନିର୍ମାଣ କାର୍ଯ୍ୟ ଶେଷ କରି ହିତାଧିକାରୀମାନେ ବିଲ୍ ପାଉ ନ ଥିବାବେଳେ ଆଉ କେତେକ ସ୍ଥାନରେ ଅଧାପନ୍ତରିଆ ଗୃହକୁ ସମ୍ପୂର୍ଣ୍ଣ ହୋଇଥିବା ଦେଖାଇ ବିଲ୍ ଉଠାଇ ନିଆଯାଉଥିବା ଅଭିଯୋଗ ହେଉଛି। ଜାମକୁଣ୍ଡା ପଞ୍ଚାୟତର ଶତାଧିକ ଗ୍ରାମବାସୀ ଗ୍ରାମୀଣ ଗୃହ ନିର୍ମାଣ ଯୋଜନାରେ ଗୃହ କାର୍ଯ୍ୟ ସମ୍ପୂର୍ଣ୍ଣ କରି ବିଲ୍ ପାଉ ନ ଥିବା ଅଭିଯୋଗ କରି ଶନିବାର ବିଡିଓଙ୍କ ଅଫିସ୍ ଆଗରେ ଦୀର୍ଘ ସମୟ ଧରି ଧାରଣାରେ ବସିଥିଲେ। ଗ୍ରାମବାସୀଙ୍କ ମଧ୍ୟରେ ଅରୁଣ ଧଳ, ପରେଶ ପ୍ରଧାନ, ବେଣୁଧର ଧଳ, ଗୌରାଙ୍ଗ ରଣା, ମୁରଲୀ ପ୍ରମାଣିକ, ଲମ୍ବୋଦର ସାହୁ, ମଙ୍ଗୁଳି ଦାସ, ମନ୍ମଥ ଧଳ, ବଳରାମ ଧଳ, ନୀଳକଣ୍ଠ ଧଳ, ଦୀପକ ଧଳ, ସୁଶାନ୍ତ ଘଡ଼େଇ, ଗୋପୀନାଥ ରାଉଳ, ପ୍ରଭାକର ସାମଲ, ସଞ୍ଜୟ ଘଡ଼ାଇ, ମାୟାଧର ଗଙ୍ଗାଇ, ସୁଦର୍ଶନ ମଲ୍ଲିକ, ଅନିଲ ଧଳ, ଗଙ୍ଗାଧର ମଙ୍ଗରାଜ, ଅପୂର୍ବ ଦାସ, ପୁରୁଷୋତ୍ତମ ପ୍ରଧାନ, ସର୍ବେଶ୍ୱର ମଲ୍ଲିକ, ସେକ୍ ସହିଦ୍, ସେକ୍ ଇସଲାମ, ସୃଷ୍ଟିଧର ଧଳ ପ୍ରମୁଖ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ବିଡିଓ ମିନତୀ ଜଗଦେବଙ୍କ ଦୃଷ୍ଟି ଆକର୍ଷଣ କରାଯିବାରୁ ଖୁବଶୀଘ୍ର ଏହି ସମସ୍ୟାର ସମାଧାନ କରାଯିବ ବୋଲି କହିଛନ୍ତି।


ବ୍ଲକ୍ ଆଗରେ ଗ୍ରାମବାସୀ ଧାରଣା ଦେଇଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚୋର ମନ ଗଣ୍ଡିରେ**
**ବାବାଜି ମନ କଣ୍ଠିରେ।**
**ବେପାରୀ ମନ ପାଣ୍ଠିରେ।**

ଯିଏ ଚୋରି ଭଳି କିଛି ପାପ ବା ଭୁଲ୍ କାମ କରିଥାଏ ତା' ମନ ସଦାସର୍ବଦା ସେହି ଭୁଲ୍‌ରେ ହିଁ ଘାଣ୍ଟି ଚକଟି ହେଉଥାଏ। କାଳେ ତା'ର ଏପରି କୁକର୍ମ ଅନ୍ୟ ଆଖିରେ ଧରାପଡ଼ି ନ ଯିବ ସେ ନେଇ ମନରେ ବ୍ୟଗ୍ରତା ସୃଷ୍ଟି ହୋଇଥାଏ। ସେହିପରି ବାବାଜି ଭଳି ସାଧୁ ସନ୍ଥଙ୍କ ମନ ଈଶ୍ୱର ସାଧନା ସହ ମାଳା ଜପିବାରେ ଲାଗି ରହିବା ଭଳି ବେପାରୀ ମନ ଅର୍ଥ ପାଖରେ ବନ୍ଧା ପଡ଼ୁଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଚାଉଳ ସେରକୁ ତିନି ପରାଣୀ**
**ଆହୁରି ଯାଉଛି ବୋହୂକୁ ଆଣି।**

ଖାଦ୍ୟର ପରିମାଣ ବହୁତ କମ୍ ଅଥଚ ଖାଇବାକୁ ଲୋକ ବହୁତ। ଏପରିସ୍ଥଳେ ଖାଦ୍ୟ ନିଅଣ୍ଟିଆ ପଡ଼ିବା ସୁନିଶ୍ଚିତ। ଯେତେବେଳେ ଖାଦ୍ୟାଭାବ ପରିସ୍ଥିତି ଲାଗି ରହିଥାଏ ସେତେବେଳେ ଅନ୍ୟକୁ ଆଣି ପାଖରେ ରଖିବା ନେଇ ଯୋଜନା ବା ମନସ୍ଥ କରିବା ମୂର୍ଖାମିର ପରିଚୟ ହୋଇଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

## ବିଧାୟକ, ଆଇଆଇସି ଖେଳିଲେ ବାଡିଖେଳ


ମହରମ ଉପଲକ୍ଷେ ବିଧାୟକ ଓ ଆଇଆଇସିଙ୍କ ମଧ୍ୟରେ ଅନୁଷ୍ଠିତ ବାଡିଖେଳ।

### ତୁଡିଗଡିଆରେ ମହରମ

ଖଇରା, ୨୩।୯(ଡି.ଏନ.ଏ.)

ଖଇରା ବ୍ଲକ୍ ତୁଡିଗଡିଆ ନିକଟସ୍ଥ ତେନ୍ତୁଳିଆପଡା ମୁସଲିମ ବସ୍ତିରେ ଶନିବାର ମହରମ ପର୍ବ ପାଳିତ ହୋଇଯାଇଛି। କ୍ରମାଗତ ବର୍ଷା ସତ୍ତ୍ୱେ ବସ୍ତି ସର୍ଦ୍ଦାର ମିର ଆଲ୍ଲାଉଦ୍ଦିନ ଓ ତାଜିଆ ସର୍ଦ୍ଦାର ସାବିର ଖାନଙ୍କ ନେତୃତ୍ୱରେ ଏକ ତାଜିଆ ଶୋଭାଯାତ୍ରା ବସ୍ତିରୁ ବହାରି ତୁଡିଗଡିଆ ବଜାର ପରିକ୍ରମା କରିଥିଲା। ଏଥିରେ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ବିଶିଷ୍ଟ ଅତିଥି ଭାବେ ଯୋଗଦେଇଥିଲେ। ମିର ହବିବ, ମୁନା ସାହା, ଟୁନା ସାହା, ପ୍ୟାରା ସାହା, ମିର ବିଟୁ, ପ୍ରମୁଖ ଅଂଶଗ୍ରହଣ କରି ବାଡି ଖେଳିଥିଲେ। ସନ୍ଧ୍ୟା ୬ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ବାଡି ଖେଳ ହୋଇଥିଲା। ଖଇରା ଥାନା ଅଧିକାରିଣୀ ଲୋପାମୁଦ୍ରା ନାୟକ ଓ ବିଧାୟକଙ୍କ ମଧ୍ୟରେ ଅନୁଷ୍ଠିତ ବାଡି ଖେଳକୁ ଦର୍ଶକ ମନଭରି ଉପଭୋଗ କରିଥିଲେ। ଏହାଛଡା ବ୍ଲକର କ୍ଷିରିପଦା, ମୁସ୍ତଫାବାଦ, ଝିଙ୍କିରିଆ, ଡଗରପଡା, ବରଦାରେ ମୋରମ ହର୍ଷୋଲ୍ଲାସରେ ପାଳିତ ହୋଇଛି।

■ କେନ୍ଦ୍ରମନ୍ତ୍ରୀଙ୍କ ଦ୍ୱାରା ପ୍ରଧାନମନ୍ତ୍ରୀ କୌଶଳ ବିକାଶ କେନ୍ଦ୍ର ଉଦ୍‌ଘାଟିତ

# ମଞ୍ଚକୁ ଡକା ନ ଯିବାରୁ ଠେଲାପେଲା

ବାହାନଗା, ୨୩।୯(ଡି.ଏନ.ଏ.)

ବାହାନଗା ବ୍ଲକ ଗୋପାଳପୁର ପଞ୍ଚାୟତରେ ଥିବା ପ୍ରଧାନମନ୍ତ୍ରୀ କୌଶଳ ବିକାଶ କେନ୍ଦ୍ରକୁ ରବିବାର କେନ୍ଦ୍ର ହରିଜନ ଆଦିବାସୀ ମନ୍ତ୍ରୀ ଜୁଏଲ୍ ଓରାମ ଉଦଘାଟନ କରିଛନ୍ତି। ମଧ୍ୟାହ୍ନ ୧୨ଟାରେ ମନ୍ତ୍ରୀ ଓରାମ ହେଲିକପ୍ଟର ଯୋଗେ ଓଡଶାଳସ୍ଥିତ ହେଲିପ୍ୟାଡରେ ଓହ୍ଲାଇଥିଲେ। ସେଠାରୁ ଭାଜପା କର୍ମୀମାନେ ମନ୍ତ୍ରୀଙ୍କୁ ଶୋଭାଯାତ୍ରାରେ ଗୋପାଳପୁରସ୍ଥିତ ପ୍ରଧାନମନ୍ତ୍ରୀ କୌଶଳ କେନ୍ଦ୍ର ନିକଟକୁ ନେଇଥିଲେ। ସେଠାରେ ଉଦ୍‌ଘାଟନ କାର୍ଯ୍ୟକ୍ରମ ପରେ କେତେଜଣ ଯୁବ ଚାଷୀଙ୍କୁ ସମ୍ମାନିତ କରିବା ଉଦ୍ଦେଶ୍ୟରେ ଏକ ସଭା ଆୟୋଜନ କରାଯାଇଥିଲା। ସଭାସ୍ଥଳରେ ମନ୍ତ୍ରୀ ପହଞ୍ଚିବା ପରେ ଅତିଥିମାନଙ୍କୁ ନିମନ୍ତ୍ରଣ କରୁଥିବା ବ୍ୟକ୍ତି ଜଣକ ମନ୍ତ୍ରୀଙ୍କ ସହିତ ଆସିଥିବା ଭାଜପା ଜିଲା ସଭାପତି ମଦନ ମୋହନ ଦତ୍ତ ଓ ରେମୁଣା ବିଧାୟକ ଗୋବିନ୍ଦ ଚରଣ ଦାସଙ୍କୁ ମଞ୍ଚ ଉପରକୁ ନ ଡାକିବାରୁ ଭାଜପା କର୍ମୀମାନେ ଉତ୍ତେଜିତ ହୋଇପଡିଥିଲେ। ସେମାନଙ୍କୁ ରଙ୍ଗତରଙ୍ଗର ମ୍ୟାନେଜିଂ ଡାଇରେକ୍ଟର ଅଭିନଭ ମଦନ ବୁଝାଶୁଝା କରିବାରୁ ତାଙ୍କୁ କର୍ମୀମାନେ ଠେଲାପେଲା କରିବା ସହ ହୋହାଲ୍ଲା କରିଥିଲେ। ପରେ ଭାଜପା ବାଲେଶ୍ୱର ଜିଲା ସଭାପତି ମଦନମୋହନ ଦତ୍ତ, ରେମୁଣା ବିଧାୟକ ଦାସ ଓ ସମୀର ମହାନ୍ତିଙ୍କୁ କେନ୍ଦ୍ର ମନ୍ତ୍ରୀଙ୍କ ସହିତ ମଞ୍ଚ ଉପରକୁ ଡାକିବାରୁ ଭାଜପା କର୍ମୀ ଶାନ୍ତ ପଡିଥିଲେ। ଏହି ଘଟଣା ନେଇ ଉପସ୍ଥିତ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ଏହାପରେ ସଭା ଆରମ୍ଭ ହୋଇଥିଲା। ମୁଖ୍ୟଅତିଥି ଭାବେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ମୁଖ୍ୟବକ୍ତା ଭାବେ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟର ଉପସଭାପତି ପ୍ରଫେସର ଡି.ଏନ. ରାଓଙ୍କ ସମେତ ବାଲେଶ୍ୱର ଜିଲା ଭାଜପା ସଭାପତି ମଦନମୋହନ ଦତ୍ତ ପ୍ରମୁଖ ଯୋଗଦେଇ ମଞ୍ଚାସୀନ ହୋଇଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ କୌଶଳ ବିକାଶ କେନ୍ଦ୍ରର ପ୍ରଶିକ୍ଷଣ ନେଇଥିବା ଚାଷୀମାନଙ୍କୁ ମନ୍ତ୍ରୀ ଓରାମ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମ କୁ ସଂଯୋଜନା କରିଥିଲେ ସୁନନ୍ଦା ଏବଂ ପୂଣ୍ୟବ୍ରତ। ଉଲ୍ଲେଖଯୋଗ୍ୟ, ଏହାକୁ କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ, କୌଶଳ ବିକାଶ ଦକ୍ଷତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ଥିଲେ ମଧ୍ୟ ଶେଷ ମୁହୂର୍ତ୍ତରେ ତାଙ୍କ ଗସ୍ତ ବାତିଲ ହୋଇଥିଲା।



କେନ୍ଦ୍ରମନ୍ତ୍ରୀଙ୍କ ଉପସ୍ଥିତିରେ ପୁରସ୍କାର ଦିଆଯାଉଛି।

# ଚୋରା ମଦବେପାରର ପେଣ୍ଠସ୍ଥଳ 'ଖରାସାହାପୁର'

ବାହାନଗା, ୨୩।୯(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଖରାସାହାପୁର ଅଞ୍ଚଳ ଏବେ ଚୋରା ମଦବେପାରୀଙ୍କ ପେଣ୍ଠସ୍ଥଳୀ ପାଲଟିଛି। ଏହି ଅଞ୍ଚଳରେ ଅବାଧରେ ଦେଶୀ ମଦ ଚୋରାରେ ବିକ୍ରି ହେଉଥିଲେ ବି କେହି ପ୍ରତିବାଦ କରୁନାହାନ୍ତି। ଦୈନିକ ସ୍ଥାନୀୟ ଅଞ୍ଚଳରେ ୮୦ ଲିଟରରୁ ଊର୍ଦ୍ଧ୍ୱ ମଦ ବିକ୍ରି ହେଉଛି। ଏଥିପ୍ରତି ଅବକାରୀ ବିଭାଗ କିମ୍ବା ପୋଲିସ ପ୍ରଶାସନର କୌଣସି ନିଘା ନ ଥିବା ସାଧାରଣରେ ଅଭିଯୋଗ ହେଉଛି।

ପୁରୁଣା ବାଲେଶ୍ୱରରୁ ପ୍ରତ୍ୟେକ ସକାଳେ ସଲ୍ଟରୋଡ ଦେଇ ଖନ୍ତାପଡା ଥାନା ଅଧୀନରେ ଥିବା ଶ୍ରୀଜଙ୍ଗ, ଓଡଶାଳ, କଲ୍ୟାଣି, ଶାଳଗାଁ, ନୂଆପୁର, ବାଜିପୁର, ସରସ୍ୱତୀୟା, ପଣପଣା, ସାରଙ୍ଗପୁର, ବରିପଦା, ଅଟାସପୁର, ମହାରୁଦ୍ରପୁର, ଖେରଙ୍ଗ ବଜାର, ଅଭଣା, ବିଷ୍ଣୁପୁର ସମେତ ସୋର ଥାନା ଅଧୀନ ଅଞ୍ଜି ବଜାର, ରମଧା, ଖରାସାହାପୁର ଆଦି ଅଞ୍ଚଳରେ ପ୍ରତ୍ୟେକ ଦିନ ଶହ ଶହ ଲିଟର ଦେଶୀ ମଦ ମୋଟରସାଇକେଲ ଯୋଗେ ବେପାରୀମାନେ ଆଣି ସ୍ଥାନୀୟ ଅଞ୍ଚଳର ଛୋଟ ଛୋଟ ବେପାରୀମାନଙ୍କୁ ଯୋଗାଇଥାନ୍ତି। ବେପାରୀମାନେ ଚୋରାରେ ଏହାକୁ ବିକ୍ରି କରିଥାନ୍ତି। ସ୍ଥାନୀୟ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ସ୍ୱର ଉତ୍ତୋଳନ କଲେ ସେମାନଙ୍କୁ ମଦ ବେପାରୀମାନେ ଧମକଚମକ ଦେଉଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ସୋର ଅବକାରୀ ଥାନା ଅଧିକାରୀ କୁଳମଣି ମହାରଣାଙ୍କୁ ଯୋଗାଯୋଗ କରାଯିବାରୁ ସେ କହିଛନ୍ତି ଯେ, ଆମେ ପର୍ଯ୍ୟାୟକ୍ରମେ ବିଭିନ୍ନ ସ୍ଥାନରେ ଚଢାଉ କରି ମଦବେପାରୀଙ୍କୁ ଧରୁଛୁ ଓ ସେମାନଙ୍କ ନାମରେ ମାମଲା ରୁଜୁ କରୁଛୁ। ତେବେ ଖରାସାହାପୁର ଅଞ୍ଚଳରେ ମଧ୍ୟ ଚଢାଉ କରାଯିବ।

### ହାତୀବନ୍ଧାରେ ଗଣେଶ ଭସାଣି

କୋଲିମାଟି, ୨୩।୯

ଆନନ୍ଦପୁର ବାଇଲୋ ପଞ୍ଚାୟତ ହାତୀବନ୍ଧା ଗ୍ରାମରେ ଧୂମଧାମ୍‌ରେ ଗଣେଶଙ୍କ ଭସାଣି ଶୋଭାଯାତ୍ରା ପାଳନ କରାଯାଇଛି। ମା' ତାରିଣୀ କ୍ଲବର ସଭାପତି ଲିପୁନୁ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଭସାଣି ଶୋଭାଯାତ୍ରା ହୋଇଥିଲା। ଡିଜେ ବଜାଇ ଲୋକେ ଭସାଣି ଉତ୍ସବ ପାଳନ କରିଥିଲେ। ଗଣେଶ ପୂଜା କମିଟି କ୍ଲବର ସଦସ୍ୟ ପ୍ରକାଶ ବେହେରା, ରାଜେଶ ଜେନା, ବାପି ବେହେରା, ବିକାଶ ବେହେରା, ଅଜିତ ବେହେରା, ଖଜ ବେହେରା, ବାଦଲ ବେହେରା, ଲକ୍ଷ୍ମୀଧର ବେହେରା, ନୃସିଂହ ଦାଶ ସୁରେଶ ବେହେରା, ବିପିନି ବେହେରା, ସତ୍ୟବ୍ରତ ବେହେରା ପ୍ରମୁଖ ଭସାଣିରେ ସାମିଲ ହୋଇଥିଲେ।

## ୧୩ ଶିଶୁ ଉଦ୍ଧାର, କେନ୍ଦୁଝରରୁ ଅଛନ୍ତି ୫

ବ୍ରହ୍ମପୁର ଅଫିସ୍, ୨୩।୯

ବ୍ରହ୍ମପୁର ରେଳବାଇ ଚାଇଲ୍ଡ ଲାଇନ୍‌ର କେନ୍ଦ୍ର ସଂଯୋଜକ ପ୍ରଭୁପ୍ରସାଦ ପାତ୍ରଙ୍କ ନେତୃତ୍ୱରେ ରବିବାର ୧୩ ଶିଶୁଙ୍କୁ ଉଦ୍ଧାର କରାଯାଇଛି। ସେମାନଙ୍କ ମଧ୍ୟରୁ ୨ ନାବାଳିକା, ୧୧ ନାବାଳକ ରହିଛନ୍ତି। କେନ୍ଦୁଝର ଜିଲାର ୩ ନାବାଳକ ଓ ୨ ନାବାଳିକା ରହିଥିବା ବେଳେ ଜଣେ ନାବାଳକ ପଶ୍ଚିମବଙ୍ଗର ରହିଛନ୍ତି। ଅନ୍ୟମାନେ ଗଞ୍ଜାମ ଜିଲାର ହୋଇଥିବା ଜଣାଯାଇଛି। ସେମାନେ ବାହାର ରାଜ୍ୟକୁ ଯିବା ବେଳେ ରେଳ ଷ୍ଟେଶନରେ ଧରାପଡିଛନ୍ତି। ବିଶାଖା ଏକ୍ସପ୍ରେସ୍‌ରୁ କେନ୍ଦୁଝର ଜିଲାର ୫ ଜଣ ନାବାଳକ ଭୀମପୁରମ୍‌ରେ ଥିବା ଚୁଙ୍ଗୁଡି ଫ୍ୟାକ୍ଟ୍ରିରେ କାର୍ଯ୍ୟ କରିବା ଉଦ୍ଦେଶ୍ୟରେ ଯାଉଥିଲେ। ଜଣେ ଟିକଟ କଲେକ୍ଟର ପଶ୍ଚିମବଙ୍ଗର ଜଣେ ପିଲାଙ୍କୁ ଏସ-୮ ବଗିରୁ ପାଇ ରେଳବାଇ ଚାଲ୍ଡ ଲାଇନ୍‌କୁ ଖବର କରିଥିଲେ। ପରେ ରେଳବାଇ ଚାଇଲ୍ଡ ଲାଇନ୍ ପକ୍ଷରୁ ନୃସିଂହ ପ୍ରସାଦ ପାଣିଗ୍ରାହୀ, ଗୋପାଳ ଦଳବେହେରା, କୁନୀ ସେଠୀ, ସୁମିତ୍ରା ସାହୁ, ଅନୀତା ଯୋଶେଫ୍ ଓ ଗୀତାଞ୍ଜଳି ବଡତିଆ ପ୍ରମୁଖ ପହଞ୍ଚି ଉଦ୍ଧାର କାର୍ଯ୍ୟରେ ସହଯୋଗ କରିଥିଲେ। ସମସ୍ତଙ୍କୁ ଶିଶୁ କଲ୍ୟାଣ ସମିତିରେ ହାଜର କରାଯାଇଥିଲା ବୋଲି ରେଳବାଇ ଚାଇଲ୍ଡ ଲାଇନ୍ ନିର୍ଦ୍ଦେଶକ ସୁଧୀର ସାବତ ସୂଚନା ଦେଇଛନ୍ତି।

### ନିୟମିତ ହେଲେ ୬୪ ଶିକ୍ଷୟିତ୍ରୀଶିକ୍ଷକ

କେନ୍ଦୁଝର, ୨୩।୯(ସ୍ୱ.ପ୍ର.)

କେନ୍ଦୁଝର ଜିଲାରେ ଗଣଶିକ୍ଷା ବିଭାଗ ଅଧୀନ ବିଭିନ୍ନ ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ ୬୪ ଠିକା ଶିକ୍ଷକ ନିୟମିତ ହୋଇଥିବା ଜଣାପଡ଼ିଛି। କେନ୍ଦୁଝର ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରୁ ମିଳିଥିବା ବିବରଣୀ ଅନୁସାରେ ୨୦୧୦-୧୧ ଓ ୨୦୧୧-୧୨ରେ ଠିକାରେ ନିଯୁକ୍ତି ପାଇଥିବା ୧୮ ଜଣ ବିଏ ବିଇଡି, ୧୬ ଜଣ ସଂସ୍କୃତ ଶିକ୍ଷକ, ୮ ଜଣ ହିନ୍ଦୀ ଶିକ୍ଷକ(ପିସିଏମ୍), ୨ ଜଣ ବିଜ୍ଞାନ ଶିକ୍ଷକ (ସିବିଜେଡ୍), ୮ ଜଣ ହିନ୍ଦୀ ଶିକ୍ଷକ ଓ ୧୨ ଜଣ କ୍ରୀଡ଼ା ଶିକ୍ଷକ ୨୦୧୭ରୁ ପିଛିଲା ଭାବେ ନିୟମିତ ହୋଇଛନ୍ତି। ସେମାନେ ନିୟମିତ ହେବା ପରେ ଠିକା ପଦବୀର ଉଚ୍ଛେଦ ହୋଇ ନିୟମିତ ପଦବୀରେ ପରିଣତ ହେଲା ବୋଲି ଜିଲା ଶିକ୍ଷାଧିକାରୀ କପିଳେନ୍ଦ୍ର ମିଶ୍ର ପ୍ରକାଶ କରିଛନ୍ତି। ନିୟମିତ ହୋଇଥିବା ଶିକ୍ଷୟିତ୍ରୀଶିକ୍ଷକ ସପ୍ତମ ବେତନ କମିଶନ ଅନୁସାରେ ଦରମା ପାଇବେ ବୋଲି ଜଣାପଡ଼ିଛି। ନିୟମିତୀକରଣ ପରେ ଶିକ୍ଷୟିତ୍ରୀଶିକ୍ଷକ ଖୁସିବ୍ୟକ୍ତ କରିବା ସହ ଜିଲା ଶିକ୍ଷା ଅଧିକାରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଲଗାଣ ବର୍ଷାରେ ଭୁଶୁଡ଼ିଲା ଘର

ଡେଙ୍କିକୋଟ/ରାଇସୁଆଁ, ୨୩।୯(ଡି.ଏନ୍.ଏ.)

କେନ୍ଦୁଝର ଜିଲା ଘଟଗାଁ ବ୍ଲକ ଡେଙ୍କିକୋଟରେ ଲଗାଣ ବର୍ଷାରେ ଗ୍ରାମର ମହେଶ୍ୱର ନାୟକଙ୍କ ଘରର କାନ୍ଥ ଭୁଶୁଡ଼ି ପଡ଼ିଛି। ତାଙ୍କ ପରିବାର ବାସହାରା ହୋଇପଡ଼ିଛି। ମହେଶ୍ୱର ନାୟକ ସ୍ତ୍ରୀ ହେମଲତା, ତାଙ୍କର ପୁଅ ଜଗନ୍ନାଥ, ଝିଅ ଜମୁନା ସମେତ ୧୪ ମାସର ପୁଅ ଶିବାନନ୍ଦ ଘରେ ଶୋଇଥିଲେ। ଶନିବାର ରାତିରେ ହଠାତ୍ ଘରର କାନ୍ଥ ଭୁଶୁଡ଼ି ପଡ଼ି ଥିଲା। ଫଳରେ ଅଳ୍ପକେ କାନ୍ଥ ଚାପାରୁ ତାଙ୍କ ପରିବାର ଲୋକେ ବର୍ତ୍ତି ଯାଇଛନ୍ତି। ମହେଶ୍ୱର ଗରିବ ବିପିଏଲ୍ ପରିବାରର ଲୋକ। ଦିନ ମଜୁରି କରି ଚଳନ୍ତି। ଘର ଭାଙ୍ଗିଯିବାରୁ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ଗ୍ରାମର ୱାର୍ଡ଼ସଭ୍ୟ ପ୍ରଦୀପ୍ତ କୁମାର ନାୟକ ଖବର ପାଇ ପହଞ୍ଚି ଶୋକସନ୍ତପ୍ତ ପରିବାରକୁ ଆଶ୍ୱାସନା ଦେଇଛନ୍ତି। ସରପଞ୍ଚ ଗୌରୀ ବାରିକଙ୍କୁ କହି ଇନ୍ଦିରା ଆବାସ ଯୋଜନାରେ ଘର ଦେବା ପାଇଁ ଦାବି କରିବି ବୋଲି ସେ କହିଛନ୍ତି। ଖବର ପାଇ ଅପରାହ୍ନରେ ସରପଞ୍ଚ ଗୌରୀ ବାରିକ ମଧ୍ୟ ମହେଶ୍ୱରଙ୍କ ଘରେ ପହଞ୍ଚି ଭଙ୍ଗା ଘର ଦେଖି ଆଶ୍ୱାସନା ଦଇଥିଲେ। ଇନ୍ଦିରା ଆବାସ ଯୋଜନାରେ ତୁରନ୍ତ ଘର ଯୋଗାଇ ଦେବା ପାଇଁ ସେ ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ଗ୍ରାମର ଚିଦାନନ୍ଦ ମହାକୁଡ଼ର ଘର ମଧ୍ୟ କାନ୍ଥ ପଡ଼ି ଭାଙ୍ଗି ଯାଇଛି।

ସେହିପରି ଲଗାଣ ବର୍ଷାରେ ସଦର ବ୍ଲକ କେମ୍ପସଡା ଗ୍ରାମର କରୁଣାକର ମହାନ୍ତଙ୍କ ଘର ଭୁଶୁଡି ଯାଇଛି। ସେ ବାସହରା ହୋଇଯାଇଛନ୍ତି। କରୁଣାକର ଜଣେ ଗରିବ ଲୋକ। କରୁଣାକରଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଗୃହ ଯୋଗାଇ ଦେବାକୁ ଜିଲା ପ୍ରଶାସନ ନିକଟରେ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।


ଭଙ୍ଗା ଘର ସମ୍ମୁଖରେ ବସିଛନ୍ତି ମହେଶ୍ୱର ନାୟକ।

### ଖେଳକୁଦ ପ୍ରତିଯୋଗିତାରେ ୪୪୨ ପ୍ରତିଯୋଗୀ

କେନ୍ଦୁଝର, ୨୩।୯(ସ୍ୱ.ପ୍ର.):

ସ୍ଥାନୀୟ ଧରଣୀଧର ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଶଙ୍କରପୁରଠାରେ ଶନିବାର ଆରମ୍ଭ ହୋଇଥିବା ଜିଲାସ୍ତରୀୟ ବିଦ୍ୟାଳୟ କ୍ରୀଡ଼ା ଓ ଦୌଡ଼କୁଦ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଉତ୍ସବରେ ଜିଲା କ୍ରୀଡ଼ା ଅଧିକାରୀ ରମେଶ ଚନ୍ଦ୍ର ପାଢୀ, ଶାରୀରିକ ଶିକ୍ଷା ପରିଦର୍ଶକ ସର୍ଦ୍ଦାର ବାରିକ ଯୋଗ ଦେଇଥିଲେ। ପ୍ରତିଯୋଗିତାରେ ବିଭିନ୍ନ ଦୌଡକୁଦ ପ୍ରତିଯୋଗିତା ସହ କ୍ରିକେଟ, ତୀରନ୍ଦାଜ, କବାଡି, ଖୋ-ଖୋ ଆଦି ଖେଳ ହୋଇଥିଲା।

ପ୍ରତିଯୋଗିତାରେ ଜିଲାର ୧୩ ବ୍ଲକର ୪୪୨ ଜଣ ୧୭ ବର୍ଷରୁ କମ ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ୩୭ ଜଣ ଅଫିସିଆଲ ଓ ୧୩ ଜଣ ଟିମ ମ୍ୟାନେଜର ସାମିଲ ହୋଇ ଖେଳ ପରିଚାଳନା କରିଥିଲେ। ଗୋପବନ୍ଧୁ ମହାନ୍ତ, ଉମ୍ବରୁଧର ମହାନ୍ତ, ଦୟାନିଧି ମହାକୁଡ଼, ଶାନ୍ତନୁ ରାଉତ, ସୁଶାନ୍ତ ସାମଲ, ପ୍ରଦୀପ ବାରିକ, ଦେବାଶିଷ ରାଉତ, ଜଗବନ୍ଧୁ ମହାନ୍ତ, କମଲେଶ ସିଂ, ରଞ୍ଜନ ମହାନ୍ତ, ତୃପ୍ତିମୟୀ ବାରିକ, ସସ୍ମିତା ବିଶ୍ୱାଳ, ଜ୍ୟୋତି କମଲ, ଦୀପିକା ମହାନ୍ତ, ସୁଶୀଲ ନାଏକ, ସୁରେଶ ପଲେଇ, ରଶ୍ମିରେଖା ମହାନ୍ତ ଖେଳ ପରିଚାଳନା କରିଥିଲେ।

## ଆନନ୍ଦପୁର ବ୍ଲକରେ ହିନ୍ଦୀ ପକ୍ଷ ପାଳନ


ହିନ୍ଦୀ ଦିବସରେ ଉପସ୍ଥିତ ଅତିଥିବୃନ୍ଦ।

ଆନନ୍ଦପୁର, ୨୩।୯(ସ୍ୱ.ପ୍ର.)

ଆନନ୍ଦପୁର ବ୍ଲକ ବ୍ରଜବନ୍ଧୁ ବିଦ୍ୟାପୀଠରେ ପ୍ରଧାନ ଶିକ୍ଷକ ଶାନ୍ତନୁ କୁମାର ମିଶ୍ରଙ୍କ ସଭାପତିତ୍ୱରେ ବ୍ଲକସ୍ତରୀୟ ହିନ୍ଦୀ ପକ୍ଷ ପାଳନ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବି.ଏନ. ହାଇସ୍କୁଲର ହିନ୍ଦୀ ଶିକ୍ଷକ ରମେଶ ଚନ୍ଦ୍ର ନନ୍ଦ, ମୁଖ୍ୟ ବକ୍ତା ଭାବେ ପ୍ରାକ୍ଟିସିଂ ଗାଲର୍ସ ହାଇସ୍କୁଲର ହିନ୍ଦୀ ଶିକ୍ଷକ ଶ୍ୟାମସୁନ୍ଦର ସାହୁ ଯୋଗଦେଇ ହିନ୍ଦୀ ଭାଷା ଆମର ଜୀବନ ଜୀବିକା ବୋଲି କହିଥିଲେ। ଆୟୋଜିତ ପ୍ରବନ୍ଧ ପ୍ରତିଯୋଗିତାରେ ଏମ୍. ଶୀତଲ ସାହୁ, ଅନୁବାଦରେ ରୋଜାଲିନ ସାହୁ, ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତାରେ ଶୈଜାଦୀ ଖାତୁନ ପ୍ରଥମ ସ୍ଥାନ ଅଧିକାର କରି ଜିଲାସ୍ତରକୁ ଉନ୍ନୀତ ହୋଇଥିଲେ।

ସଭାରେ ଆନନ୍ଦପୁର ବ୍ଲକର ସମସ୍ତ ବିଦ୍ୟାଳୟରୁ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ନିରଞ୍ଜନ ବେହେରା ଅତିଥି ପରିଚୟ ଦେଇଥିଲେ। ଫକୀରପୁର ଉଚ୍ଚ ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ରେବତୀ ନନ୍ଦ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। କ୍ଷେତ୍ର ମୋହନ ବିଦ୍ୟାପୀଠର ହିନ୍ଦୀ ଶିକ୍ଷକ ରାମଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ବ୍ଲକର ଅନ୍ୟ ହିନ୍ଦୀ ଶିକ୍ଷକ ଶ୍ରୀଧର ସାହୁ, ମୁରଲୀଧର ସାହୁ, ଚିତ୍ତରଞ୍ଜନ ଯେନା, ମଧୁସୁଦନ ସାହୁ, ବୁଦ୍ଧଦେବ ପଣ୍ଡା କାର୍ଯ୍ୟକ୍ରମକୁ ପରିଚାଳନାରେ ସହାୟତା କରିଥିଲେ।

# ପଢ଼ି ଶୁଣାନ୍ତି ଭାଗବତ

■ ଗ୍ରାମ୍ୟ ସଂସ୍କୃତି ସୁରକ୍ଷା ଚିନ୍ତାରେ ନକୁଳ

ଆରଡି, ୨୩।୯(ଡି.ଏନ.ଏ.)

ଦିନ ଥିଲା ଗାଁରେ ଗାଁରେ ଭାଗବତ ଟୁଙ୍ଗୀ ରହିଥିଲା। ପ୍ରତି ସନ୍ଧ୍ୟାରେ ଗ୍ରାମବାସୀ ଜଗନ୍ନାଥ ଦାସଙ୍କ ରଚିତ ଭାଗବତ ଶ୍ରବଣ କରୁଥିଲେ। ପରେ ପରେ ଭାଗବତ ଶ୍ରୀ ବାସୁଦେବ ଭାବେ ପୂଜା ପାଉଥିଲେ। ଏସବୁ ଭାଗବତ ଟୁଙ୍ଗୀ କ୍ରମେ ବନ୍ଦ ହୋଇଯାଇଥିଲେ ବି ଏହାର ପରମ୍ପରାକୁ ବଞ୍ଚାଇ ରଖିବାକୁ ଉଦ୍ୟମ କରି ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ସୁନ୍ଦରପୁର ପଞ୍ଚାୟତ ପରଡ଼ିଆ ଗାଁର ଦଳିତ ପରିବାରରେ ଜନ୍ମିତ ନକୁଳ ମଲିକ ଚର୍ଚ୍ଚାକୁ ଆସିଛନ୍ତି। ସେ ନିଜ ଘରେ ୧୧ଖଣ୍ଡ ଭାଗବତ ରଖି ପଡ଼ିଶାଙ୍କୁ ଡାକି ସନ୍ଧ୍ୟାରେ ଭାଗବତ ପଢ଼ି ଶୁଣାଉଛନ୍ତି। ଅବକ୍ଷୟୀ ଯୁବ ସମାଜ ଭାଗବତ ପଠନ ପ୍ରତି ଧ୍ୟାନ ଦେଲେ ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି ସେ କହନ୍ତି।

ନକୁଳ ଗାଁରେ ଚାଷବାସ କରି ପରିବାର ଚଳାଇଥାନ୍ତି। ସ୍ତ୍ରୀ, ୨ ପୁଅ, ଦୁଇ ବୋହୂଙ୍କୁ ନେଇ ତାଙ୍କ ସଂସାର। ୧୬ ବର୍ଷ ହେଲାଣି ବଡ଼ପୁଅ ବନମାଳୀ ନିଖୋଜ ଅଛନ୍ତି। ଏଭଳି ଦୁଃଖ ସତ୍ତ୍ୱେ ପରିଣତ ବୟସରେ ନକୁଳ ଗାଁରେ ପୁରୁଣା ପରମ୍ପରା ବଜାୟ ରଖିବା ଓ ଆଧ୍ୟାତ୍ମିକତା ଚେତନା ସୃଷ୍ଟି ପାଇଁ ଉଦ୍ୟମ ଚଳାଇଛନ୍ତି। ଦଳିତ ପରିବାରରେ ଜନ୍ମ ହୋଇଥିଲେ ବି ପିଲାଦିନୁ ଭାଗବତ ଉପାସନା କରିଆସୁଛନ୍ତି। ସେ କହନ୍ତି, ଆଗରୁ ପ୍ରତି ପରିବାରରେ ଭାଗବତ ପାଠ କରାଯାଉଥିଲା। ଏଥିସହ ଗାଁରେ ସାମୁହିକ ଭାଗବତ ପଠନ ହେଉଥିଲା। ଏହା ସମାଜ ଜୀବନକୁ ସରସ ସୁନ୍ଦର କରୁଥିଲା। ଭାଗବତରେ ବର୍ଣ୍ଣିତ ଉପଦେଶ ବାଣୀ ମଣିଷ ଜୀବନକୁ ବାଟ ଦେଖାଉଥିଲା। ସମୟର ପରିବର୍ତ୍ତନ ମଧ୍ୟରେ ଗାଁଗଣ୍ଡାରେ ଆଉ ଭାଗବତ ଟୁଙ୍ଗୀ ଦେଖିବାକୁ ମିଳୁ ନାହିଁ। ଏହାର ପୁନରୁଦ୍ଧାର ହେଲେ ଗ୍ରାମ୍ୟ ସଂସ୍କୃତିର ସୁରକ୍ଷା ସମ୍ଭବ ହୋଇପାରିବ। ଭାଗବତ ପଠନ ଓ ଶ୍ରବଣ ଦ୍ୱାରା ବ୍ୟକ୍ତିର ଉତ୍ତମ ଚରିତ୍ର ଗଠିତ ହୋଇଥାଏ ବୋଲି ବିଶ୍ୱାସ ରହିଛି। ୭୫ ବର୍ଷୀୟ ନକୁଳଙ୍କ ଶିକ୍ଷାଗତ ଯୋଗ୍ୟତା ୩ୟ ଶ୍ରେଣୀ। ମାତ୍ର ଭାଗବତ ପଠନ ଓ ଏହାର ବ୍ୟାଖ୍ୟା କରିବାରେ ତାଙ୍କର ଅସାଧାରଣ ଦକ୍ଷତା ରହିଛି। ସେ ଦଶମ ଓ ଏକାଦଶ ସ୍କନ୍ଧ ଭାଗବତର ସମସ୍ତ ଅଧ୍ୟାୟକୁ କଣ୍ଠସ୍ଥ କରିପାରିଛନ୍ତି। କାର୍ତ୍ତିକ ଓ ବୈଶାଖ ମାସରେ ଆଖପାଖ ଗାଁରେ ବହୁ ପରିବାର ନିଜ ଘରେ ପୋଥି ବସାଇ ବ୍ରାହ୍ମଣଙ୍କୁ ଡାକି ଭାଗବତ ପଠନ କରିଥାନ୍ତି। ନକୁଳ ସେହି ଦୁଇମାସରେ ନିଜ ଘରେ ୭ ଦିନ ମଧ୍ୟରେ ୧୧ ଖଣ୍ଡ ଭାଗବତ ପଢ଼ି ଲୋକଙ୍କୁ ଭାଗବତ ଚେତନାରେ ଉଦ୍‌ବୁଦ୍ଧ କରିଆସୁଛନ୍ତି। ଭାଗବତ ମନସ୍କ ନକୁଳ ଏଥିଲାଗି ଅଞ୍ଚଳବାସୀଙ୍କ ନିକଟରେ ପ୍ରିୟଭାଜନ ହୋଇପାରିଛନ୍ତି।


ନକୁଳ ମଲିକ।

ଧରିତ୍ରୀ
DHARITRI
ବାଲେଶ୍ୱର, ସୋମବାର, ୨୪ ସେପ୍ଟେମ୍ବର, ୨୦୧୮



### ସଂକ୍ଷେପରେ

## ନଦୀରେ ବୁଡ଼ି ବ୍ୟକ୍ତି ନିଖୋଜ

ଚମ୍ପୁଆ, ୨୩।୯(ଡି.ଏନ.ଏ): ଚମ୍ପୁଆ ଥାନା ରାଣୀପୁର ଗ୍ରାମର ଦାଶରଥି ବେଣ୍ଟକାରଙ୍କ ପୁଅ ବୈଷ୍ଣବ ବେଣ୍ଟକାର ରବିବାର ଅରଡ଼େଇ ନଦୀରେ ବୁଡି ନିଖୋଜ ହୋଇଛନ୍ତି। ଖବର ପାଇ ଦମକଳ ବାହିନୀ ଖୋଜାଖୋଜି କରୁଥିଲେ ହେଁ ବୈଷ୍ଣବଙ୍କ କୌଣସି ପତ୍ତା ମିଳି ନ ଥିଲା। ବୈଷ୍ଣବ କାମ ସାରି ରିମୁଳି ଆଡୁ ରାଣିପୁର ଘାଟ ଦେଇ ଗାଁକୁ ଫେରୁଥିବା ବେଳେ ପାଣିର ପ୍ରଖର ସ୍ରୋତରେ ଭାଶି ଯାଇଛନ୍ତି।

## ଚୋରା କାଠ ସହ ୨ ବାଇକ୍ ଜବତ




ବଡ଼ବିଲ, ୨୩।୯(ସ୍ୱ.ପ୍ର.): ବଡବିଲ ସାନ୍ତବାହାଲ ଅଞ୍ଚଳରେ ଶନିବାର ରାତିରେ ବନ ବିଭାଗ ଓ ପୋଲିସ ମିଳିତ ଚଢ଼ାଉରେ ଲକ୍ଷାଧିକ ଟଙ୍କାର ଚୋରା ଚାଲାଣ ପାଇଁ ଗଚ୍ଛିତ ଥିବା ଶାଳ ଓ ପିଆଶାଳର ୯୪ ଖଣ୍ଡ କାଠ ସହ ୨ ବାଇକ୍ ଜବତ ହୋଇଛି। ବଡ଼ବିଲ ସାନ୍ତବାହାଲ ଅଞ୍ଚଳରେ ଥିବା ଏକ ପରିତ୍ୟକ୍ତ ଘରେ ଶନିବାର ରାତିରେ ଚଢାଉ ହୋଇଥିଲା। ଶାଳ ଓ ପିଆଶାଳର ୫୫ଟି କାଠ ପଟା ସହ ୩୯ଟି ଦୁଆର ବନ୍ଧ ଜବତ ହୋଇଥିବା ସ୍ଥାନୀୟ ବନାଞ୍ଚଳ ଅଧିକାରୀ ପଦ୍ମନାଭ ରାଉତ କହିଛନ୍ତି। ଏହି ଚଢ଼ାଉ ସମୟରେ ଘଟଣାସ୍ଥଳରୁ ଅଭିଯୁକ୍ତମାନେ ଚମ୍ପଟ ମାରିଥିବା ଜଣାପଡ଼ିଛି।

## କେରଳ ବନ୍ୟା ବିପନ୍ନଙ୍କୁ ସହାୟତା

କେନ୍ଦୁଝର, ୨୩।୯(ସ୍ୱ.ପ୍ର.): ଅବସରପ୍ରାପ୍ତ କେନ୍ଦ୍ର ସରକାରୀ କର୍ମଚାରୀ ସଂଘ କେନ୍ଦୁଝର ଶାଖା ତରଫରୁ କେରଳ ବନ୍ୟା ଦୁର୍ଗତଙ୍କ ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ସଂଘର ସଦସ୍ୟମାନଙ୍କ ପ୍ରଦତ୍ତ ସ୍ୱେଚ୍ଛାକୃତ ସହାୟତା ରାଶି ସଂଗ୍ରହ କରାଯାଇ ମୋଟ ୧୦ ହଜାର ଟଙ୍କା ବ୍ୟାଙ୍କ ଡ୍ରାଫ୍ଟ ମାଧ୍ୟମରେ କେରଳ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ଫଣ୍ଡକୁ ପଠାଯାଇଥିବା ସଂଘର ସମ୍ପାଦକ କାର୍ତ୍ତିଚନ୍ଦ୍ର ଦାସ କହିଛନ୍ତି। ସଂଘର ସଦସ୍ୟଙ୍କର ବଦାନ୍ୟତା ପାଇଁ ସମ୍ପାଦକ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ଆଇନ ସହାୟତା ସଚେତନତା




ଚମ୍ପୁଆ, ୨୩।୯(ଡି.ଏନ.ଏ.): ଚମ୍ପୁଆ ତାଲୁକ ଆଇନ ସେବା କମିଟି ପକ୍ଷରୁ କୈରାଳି ମହାବିଦ୍ୟାଳୟଠାରେ ଏସିଡ୍ ପୀଡିତାଙ୍କ ପାଇଁ ଆଇନ ସହାୟତା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ତାଲୁକ ଆଇନ ସେବା କମିଟି ଅଧକ୍ଷ ଡକ୍ଟର ପବିତ୍ର ମୋହନ ସାମଲଙ୍କ ଅଧକ୍ଷତାରେ ସମ୍ମାନିତ ଅଥି ଭାବେ ଏସଡିଜେଏମ ସ୍ୱୟଂପ୍ରଭା ଆଚାର୍ଯ୍ୟ, ମାଜିଷ୍ଟ୍ରେଟ ସମୀକ୍ଷା ମହାନ୍ତି, ତହସିଲଦାର ଆଲୋକ କୁମାର ପଟେଲ, ବାର ସବାପତି ହରେକୃଷ୍ଣ ମିଶ୍ର, ଆଇଆଇସି ସୁମିତ କୁମାର ସୋରେନ, ସହକାରୀ ଜିଲାପାଳ ଚାରୁଲତା ସିଂ, ଅଧକ୍ଷ ଡ. ବି.ରାମାରାଜୁ ପ୍ରମୁଖ ଯୋଗ ଦେଇଥିଲେ। ସାମ୍ପ୍ରତିକ ପରିସ୍ଥିତିରେ ମହିଳାଙ୍କ ଉପରେ ବଢି ଚାଲିଥିବା ଏସିଡ୍ ଆକ୍ରମଣକୁ ନେଇ ସୁପ୍ରିମକୋର୍ଟଙ୍କ ଦ୍ୱାରା ପ୍ରଣିତ ବିଭିନ୍ନ ଆଇନର ଦିଗ ଉପରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ବେଟି ବଚାଓ ଓ ବେଟି ପଢାଅ ସ୍ଲୋଗାନ ସହ ବେଟା ପଢାଅ ଓ ବେଟାକୁ ବୁଝାଅ ସ୍ଲୋଗାନ ହେବା ଉଚିତ୍ ବୋଲି ମତ ପ୍ରକାଶ ପାଇଥିଲା। ଚିନ୍ତାଧାରା ପରିବର୍ତ୍ତନ ଓ ସଚେତନତା କରାଯାଇ ପାରିଲେ ଏସିଡ୍ ଆକ୍ରମଣ ହ୍ରସ ପାଇବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପ୍ରେମ ଜନିତ ଓ ଜମିବାଡି ବିବାଦ କାରଣରୁ ଉକ୍ତ ଘଟଣା ଘଟୁଥିବା ଡ. ସାମଲ ସୂଚନା ଦେଇଥିଲେ। ପୀଡିତାଙ୍କୁ ୩ ଲକ୍ଷ ଟଙ୍କା ସହାୟତା ୧୫ ଦିନ ମଧ୍ୟରେ ପ୍ରଦାନ କରାଯିବା ନିୟମ ରହିଛି। ଅଭିଯୁକ୍ତ ଆଣିଥିବା ଏସିଡ୍ ବେପାରୀଙ୍କୁ ଦଣ୍ଡ ଏବଂ ସରକାରୀ ବେସରକାରୀ ଡାକ୍ତରଖାନାରେ ଚିକିତ୍ସା ସୁବିଧା ପାଇବାର ବ୍ୟବସ୍ଥା ରହିଛି ବୋଲି ସୂଚନା ଦିଆଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସମସ୍ତ ଛାତ୍ରୀଛାତ୍ର, ଅଧାପିକାଅଧାପକ ଉପସ୍ଥିତ ଥିଲେ।

# ରାତି ହେଲେ ହାତୀ ଭୟ

### ଚିନ୍ତାରେ ଚାଷୀ
- ବ୍ୟାପକ ଧାନ ଫସଲ ନଷ୍ଟ
- ଘଉଡାଇବାରେ ବନ କର୍ମଚାରୀ ବିଫଳ

ତେଲକୋଇ, ୨୩।୯(ଡି.ଏନ.ଏ.)

ତେଲକୋଇ ବ୍ଲକ ଅଞ୍ଚଳରେ ହାତୀପଲଙ୍କ ଉପଦ୍ରବ ଲାଗି ରହିଛି। ହାତୀପଲ ଧାନ ଖେତରେ ପଶି ଫସଲ ଉଜାଡି ଦେଉଛନ୍ତି। ଏ ନେଇ ଚାଷୀ ରାତି ଅନିଦ୍ରା ହୋଇ ଧାନ ଖେତକୁ ଜଗି ରହୁଛନ୍ତି। ଏହା ସତ୍ତ୍ୱେ ହାତୀପଲ ଲୋକଙ୍କୁ ଆକ୍ରମଣ କରି ଧାନ ଫସଲ ନଷ୍ଟ କରିବାରେ ଲାଗି ଥିବା ନଜିର ରହିଛି। ଏ ନେଇ ଚାଷୀଙ୍କ ପକ୍ଷରୁ ବନ ବିଭାଗଠାରେ ଅଭିଯୋଗ ହୋଇଛି। ଆକୁଳ, ଭୀମକାଣ୍ଡ, କରଦାଙ୍ଗୀ, ଦେଉଳଡିହା, ଦୋବଲାପାଳ, ଛାମୁଣ୍ଡା, ଜଗମୋହନପୁର, ବିଞ୍ଜବାହାଳ, ତାଳପଦା ପଞ୍ଚାୟତରେ ହାତୀଙ୍କ ଉତ୍ପାତ ବୃଦ୍ଧି ପାଇଛି। ୧୫ରୁ ଊର୍ଦ୍ଧ୍ୱ ହାତୀ ସନ୍ଧ୍ୟା ହେଲେ ଜଙ୍ଗଲରୁ ଆସି ଧାନ ଖେତ ଉଜାଡୁଛନ୍ତି। ବାଣ, ନିଆଁ ହୁଳା ପ୍ରତି ଖାତିର ନ କରି ଧାନ ଖେତରେ ହାତୀ ପଶୁଛନ୍ତି। ଫଳରେ ଚାଷୀ ମୁଣ୍ଡରେ ହାତ ଦେଇ ବସିଛନ୍ତି।


ନଷ୍ଟ ହୋଇଥିବା ଧାନ ଖେତ।

ଚାଷୀଙ୍କ ପକ୍ଷରୁ ବନାଞ୍ଚଳ ବିଭାଗଠାରେ ଅଭିଯୋଗ କରାଯାଇ ଧାନ ଖେତର କ୍ଷୟକ୍ଷତି ପୂରଣ ପାଇଁ ଦାବି ହୋଇଛି।

ଆକୁଳ ପଞ୍ଚାୟତର ନୂଆଗାଁ ଦୁର୍ଲ୍ଲଭପୁର ଓ କନ୍ତଲେଇ ଗ୍ରାମରେ ୨୦ ଏକରରୁ ଊର୍ଦ୍ଧ୍ୱ ଧାନ ଖେତ ଉଜାଡିଥିବା ବେଳେ ଦେଉଳଡିହା, ଭୀମକାଣ୍ଡ, ପଞ୍ଚାୟତରେ ବ୍ୟାପକ ଧାନ ଖେତ ନଷ୍ଟ ହୋଇଛି। ବାଡିବଗିଚାରେ ଥିବା ଅମୃତ ଭଣ୍ଡା, ସଜନା, ଛତୁ, କଦଳୀ ଗଛ ସବୁ ଖାଇବାରେ ଲାଗିଛନ୍ତି। ଦୋବଲାପାଳ, ଛାମୁଣ୍ଡା, ବିଞ୍ଜବାହାଳ ଅଞ୍ଚଳରେ ମଧ୍ୟ ବହୁଧାନ ଖେତ ନଷ୍ଟ ହୋଇଥିବା ଚାଷୀ ଅଭିଯୋଗ କରିଛନ୍ତି। ତାଳପଦା ପଞ୍ଚାୟତବାସୀ ସନ୍ଧ୍ୟା ହେଲେ ଭୟଭୀତ ହୋଇ ରହୁଛନ୍ତି। ଚାଷୀଙ୍କ ମଧ୍ୟରେ ଭୀମସେନ ସାହୁ, ଜଗନ୍ନାଥ ସାହୁ, ଡିଲେଶ୍ୱର ମହାକୁଡ, ଅନୁକୂଳ ପ୍ରଧାନ, ଇନ୍ଦ୍ରମଣୀ ପାତ୍ର, ପ୍ରଫୁଲ୍ଲ କିଷାନ, ଡମ୍ବରୁଧର ସାହୁ ସମେତ ବହୁ ଚାଷୀ ଧାନକ୍ଷେତ ସୁରକ୍ଷା ସହ କ୍ଷତି ପୂରଣ ଏବଂ ହାତୀ ଘଉଡାଇବାକୁ ବନ ବିଭାଗଠାରେ ଦାବି କରିଛନ୍ତି। ବନାଞ୍ଚଳ ଅଧିକାରୀ ପିତାମ୍ବର ନାଏକଙ୍କୁ ପଚାରିବାରୁ ଅଭିଯୋଗକାରୀଙ୍କ କ୍ଷୟକ୍ଷତିକୁ ତଦନ୍ତ କରାଯିବା ପରେ ତାଙ୍କୁ କ୍ଷତି ପୂରଣ ଦିଆଯିବ। ଚାଷୀଙ୍କୁ ଲାଇଟ, ବାଣ ଯୋଗାଇ ଦେବା ସହ ବିଭାଗ ପକ୍ଷରୁ ବିଭିନ୍ନ ପଞ୍ଚାୟତରେ ପାଟ୍ରୋଲିଂ କରାଯାଉଛି ବୋଲି ସେ କହିଛନ୍ତି।

■ ମୃତଦେହ ସତ୍କାର ପାଇଁ ମିଳିଲାନି ଶ୍ମଶାନ

# ରନ୍ଧମରାରେ ଲାଗିରହିଛି ଉତ୍ତେଜନା

ରାଇସୁଆଁ, ୨୩।୯(ଡି.ଏନ.ଏ.)

କେନ୍ଦୁଝର ଜିଲା ସଦର ଅଞ୍ଚଳରେ ଧର୍ମାନ୍ତରୀକରଣ ଯୋଗୁ ଜଣେ ବ୍ୟକ୍ତିଙ୍କ ମୃତଦେହ ସତ୍କାର ପାଇଁ ଶ୍ମଶାନରେ ଜାଗା ନ ମିଳିବା ଘଟଣାରେ ଉତ୍ତେଜନା ଲାଗି ରହିଛି। ସଦର ବ୍ଲକ ମହାଦେଇଯୋଡ଼ା ପଞ୍ଚାୟତର ରନ୍ଧମରା ଗ୍ରାମରେ ପର୍ଶୁରାମ ହାଇବ୍ରୁଙ୍କ ସହ କେତେକ ଲୋକ ଧର୍ମ ପରିବର୍ତ୍ତନ କରିଥିଲେ। ଫଳରେ ସେବେଠାରୁ ସେ ଗ୍ରାମରେ ଏକ ପ୍ରକାର ବାସନ୍ଦ ହୋଇ ରହୁଥିଲେ। କିଛି ଦିନ ତଳେ ପର୍ଶୁରାମଙ୍କୁ କେତେକ ଯୁବକ କାହିଁକି ପ୍ରାର୍ଥନା କରୁଛୁ କହି ଆକ୍ରମଣ କରିଥିଲେ। ଏଥିରେ ପର୍ଶୁରାମ ସଂଜ୍ଞାହୀନ ହୋଇ କଟକ ବଡମେଡିକାଲରେ ଭର୍ତ୍ତି ହୋଇଥିଲେ। କଟକରେ ୬ ଦିନ ଚିକିତ୍ସିତ ହେବା ପରେ ସ୍ୱାସ୍ଥ୍ୟ ଅବସ୍ଥାରେ ସୁଧାର ଆସିଥିଲା। କିଛି ଦିନ ପରେ ପୁଣି ସ୍ୱାସ୍ଥ୍ୟ ଅବସ୍ଥା ଖରାପ ହେବାରୁ ତାଙ୍କୁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ସୁସ୍ଥ ହେବା ପରେ ଶ୍ୱଶୁର ଘରକୁ ତାଙ୍କୁ ନିଆଯାଇଥିଲା। ମାତ୍ର ଗୁରୁବାର ତାଙ୍କର ମୃତ୍ୟୁ ଘଟିଥିଲା। ମୃତଦେହକୁ ଗାଁକୁ ଆଣି ସତ୍କାର କରିବାକୁ ଯୋଜନା କରୁଥିବା ସମୟରେ କେତେକ ଲୋକ ଗ୍ରାମ ଶ୍ମଶାନରେ ସତ୍କାର କରିବାକୁ ମନା କରି ଦେଇଥିଲେ। ଏ ନେଇ ଗ୍ରାମରେ ଉତ୍ତେଜନା ଦେଖାଦେଇଥିଲା। ପୋଲିସ ହସ୍ତକ୍ଷେପ ପରେ ମୃତଦେହ ସତ୍କାର ହୋଇଥିଲା।

# କାମ ହରାଇବେ ଡ୍ରର ମାଲିକ

ଯୋଡା, ୨୩।୯(ଡି.ଏନ.ଏ.)

ରବିବାର ପୂର୍ବାହ୍ନ ୧୧ଟା ସମୟରେ ଯୋଡ଼ା ମାଇନିଂ ଏରିଆ ଟ୍ରକ୍ ଓନର ଆସୋସିଏଶନରେ ୬ ଚକିଆ ଡ୍ରର ମାଲିକଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରବଳ ହଟଗୋଳ ମଧ୍ୟରେ ହାଇୱା ଟ୍ରକ୍ର ଖଣି ଅଞ୍ଚଳରେ ପ୍ରଚଳନକୁ ଡ୍ରର ମାଲିକ ବିରୋଧ କରିଥିଲେ। ଡ୍ରର ମାଲିକ ଅମର ମହାକୁଡ, ମହେଶ ସିଂ, ପ୍ରଦୀପ ଗିରି, ସଞ୍ଜୟ ପାତ୍ର ପ୍ରମୁଖ ଅଭିଯୋଗ କରିଥିଲେ ଯେ, ଯୋଡ଼ା ଖଣି ମଣ୍ଡଳରେ ୧୦ ଓ ୧୨ ଚକିଆ ଟ୍ରକ୍ର ପଞ୍ଜୀକରଣ କରି ଲୁହାପଥର ପରିବହନ କରିବା ପାଇଁ ଯୋଡ଼ା ଟ୍ରକ୍ ଓନର ଆସୋସିଏଶନ ନାମକ ଏକ ସଂଘ ରହିଛି। ସେଠାରେ ୧୦ ଓ ୧୨ ଚକିଆ ହାଇୱା ଗୁଡିକ ପଞ୍ଜୀକୃତ କରି ଖଣିଜ ପରିବହନ ପରିବର୍ତ୍ତେ ୬ ଚକିଆଡର ଚାଲୁଥିବା ମାଇନିଂ ଏରିଆ ଟ୍ରକ୍ ଓନର ଆସୋସିଏଶନରେ କାହିଁକି ୧୦ ଓ ୧୨ ଚକିଆ ଟ୍ରକ୍ ମାଲିକମାନେ ହଟଗୋଳ କରୁଛନ୍ତି। ଭିତ୍ତିଭୂମି ବିକାଶର ଅଭାବ ହେତୁ ୬ ଚକିଆ ଡ୍ରର ପରିବର୍ତ୍ତେ ୧୦ ଓ ୧୨ ଚକିଆ ଟ୍ରକ୍ କିଭଳି ଏପରି ସ୍ଥାନରେ କାର୍ଯ୍ୟ ସମ୍ପାଦନ କରିବ ବୋଲି ଡ୍ରର ମାଲିକମାନେ ପ୍ରଶ୍ନ କରିଛନ୍ତି।

ଅନ୍ୟପକ୍ଷରେ ବହୁ ମାଇନିଂ ଏରିଆ ଟ୍ରକ୍ ଓନର ସଂଘର କିଛି କର୍ମକର୍ତ୍ତା ୧୦ ଓ ୧୨ ଚକିଆ ଟ୍ରକ୍ କିଣି ସଂଘରେ ପକ୍ଷପାତିତା କରି ବିଭ୍ରାଟ ସୃଷ୍ଟି କରୁଥିବା ଡ୍ରର ମାଲିକମାନେ ଅଭିଯୋଗ କରିଛନ୍ତି। ଖଣିରେ ହାଇୱା ଟ୍ରକ୍ ପରିବହନ କଲେ ୬ ଚକିଆ ଡ୍ରରଗୁଡିକ କାର୍ଯ୍ୟହରା ହୋଇ ମାଲିକମାନେ କ୍ଷତିଗ୍ରସ୍ତ ହେବେ। ଡ୍ରର ମାଲିକମାନଙ୍କ ସାମୂହିକ ସ୍ୱାର୍ଥକୁ ଦେଖି ପ୍ରଶାସନ ଏକ ନିର୍ଦ୍ଦିଷ୍ଟ ନିତି ସ୍ପଷ୍ଟ କରିବା ଉଚିତ ଏବଂ ଅଞ୍ଚଳର ଭିତ୍ତିଭୂମି ବିକାଶ ନ କରି ହାଇୱା ଚଳାଚଳ ଅଧିକ କରାଗଲେ ଦୁର୍ଘଟଣା ବୃଦ୍ଧି ପାଇବ ବୋଲି ସୂଚନା ମିଳିଛି।

## ପାତ୍ରତନ୍ତୀ କଲ୍ୟାଣ ସମିତିର ବୈଠକ

ଯୋଡା, ୨୩।୯(ଡି.ଏନ.ଏ.)

ଯୋଡ଼ା ପାତ୍ରତନ୍ତୀ କଲ୍ୟାଣ ସମିତି ପକ୍ଷରୁ ସ୍ଥାନୀୟ ବସ୍ତିଠାରେ ଏକ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୋକୁଳଚନ୍ଦ୍ର ପାତ୍ରଙ୍କ ସଭାପତିତ୍ୱରେ ସମିତିର ସଭାପତି ତଥା ପୂର୍ବତନ ଯୋଡ଼ା ନଗରପାଳ କରୁଣାକର ପାତ୍ର ଅଫିସ ଗୃହ ନିର୍ମାଣ ଉପରେ ଗୁରୁତ୍ୱାରୋପ କରିଥିଲେ। ପୂର୍ବତନ ସଭାପତି ଈଶ୍ୱର ପାତ୍ର ସମସ୍ତ ସଦସ୍ୟଙ୍କୁ ନେଇ ବନ୍ଧୁମିଳନ କରିବାକୁ ପ୍ରସ୍ତାବ ଦେଇଥିଲେ।

ସମିତିର ସମ୍ପାଦକ ବସନ୍ତ ପାତ୍ର ସଙ୍ଗଠନକୁ କିପରି ମଜବୁତ୍ କରି ଆଗାମୀ ଦିନରେ ଜନହିତକର କାର୍ଯ୍ୟ କରାଯିବା ନେଇ ଆଲୋକପାତ କରିଥିଲେ। ଅଫିସ ଗୃହ, ବାବା ସାହେବ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ପ୍ରସ୍ତାବ ଦେଇଥିଲେ। ସଭାରେ ସମିତିର ସାଙ୍ଗଠନିକ ସମ୍ପାଦକ ସୁରେଶ ପାତ୍ର, କୋଷାଧକ୍ଷ ରାମଚନ୍ଦ୍ର ପାତ୍ର, ଉପଦେଷ୍ଟା ନରେଶ ପାତ୍ର, ଯୁଧିଷ୍ଠିର ପାତ୍ର, ରମେଶ ପାତ୍ର ପ୍ରମୁଖ ଉପସ୍ଥିତ ରହି ସମିତିର ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ ମତବ୍ୟକ୍ତ କରିଥିଲେ।

■ ମିଳିଲାନି ମହାପ୍ରୟାଣ ଗାଡ଼ି

# ଟ୍ରଲିରେ ବୁହା ହେଲା ମୃତଦେହ


ମୃତଦେହକୁ ସତ୍କାର ପାଇଁ ଟ୍ରଲିରେ ନିଆଯାଉଛି।

କେନ୍ଦୁଝର, ୨୩।୯(ସ୍ୱ.ପ୍ର.)

ମହାପ୍ରୟାଣ ଗାଡ଼ି ନ ମିଳିବାରୁ ପୌରପାଳିକାରେ କାର୍ଯ୍ୟରତ କର୍ମଚାରୀ କାଳିଆ ନାଏକ (୩୦)ଙ୍କ ମୃତଦେହକୁ ଟ୍ରଲିରେ ବୁହା ହେବା ଘଟଣା ନେଇ ଅସନ୍ତୋଷ ପ୍ରକାଶ ପାଇଛି। କାଳିଆଙ୍କ ଘର ଧୋବାଡ଼ିହା ସାହିରେ। କାଳିଆ ଦୀର୍ଘ ଦିନ ହେଲା ଜଣ୍ଡିସ ରୋଗରେ ପୀଡିତ ଥିଲେ। ଜିଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା କାଳିଆଙ୍କୁ କିଛି ଦିନ ତଳେ ଘରକୁ ପଠାଇ ଦିଆଯାଇଥିଲା। ଶନିବାର ଖାଇପିଇ ଶୋଇଥିବା ବେଳେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ୍ୟୁ ହେବା ପରେ ଘରେ ପଡ଼ି ରହିଥିଲେ।

ପୌରପାଳିକା କର୍ମଚାରୀମାନେ ଅନ୍ୟ କାମରେ ବ୍ୟସ୍ତ ଥିବାରୁ ଶବ ବୋହିବାକୁ ନ ଆସିବାରୁ ମୃତ କାଳିଆଙ୍କ ସାନ ଭାଇ ସାହି ଲୋକଙ୍କ ସହ ମିଶି ପ୍ରଥମେ କୋକେଇରେ ବୋହି କିଛି ବାଟ ନେବା ପରେ ଏକ ଟ୍ରଲିରେ ନେଇଥିଲେ। ଶଶ୍ମାନରେ ଗାତ ଖୋଳି ପୋତି ଦିଆଯାଇଥିଲା। ବାପାଙ୍କ ଦେହାନ୍ତ ପରେ ଦୁଇ ଭାଇ ଓ ମା'କୁ ପ୍ରତିପୋଷଣ କରୁଥିଲେ। ଅଭାବ ଅନଟନ ମଧ୍ୟରେ କାଳିଆଙ୍କ ଚିକିତ୍ସା ପାଇଁ ଅର୍ଥ ବାଧକ ସାଜିଥିଲା। ଅଧିକ ଚିକିତ୍ସା ସହାୟତା ନ ମିଳିବାରୁ ତାଙ୍କର ମୃତ୍ୟୁ ଘଟିଥିବା ପରିବାର ଲୋକ କହିଛନ୍ତି।

# ଦିବ୍ୟାଙ୍ଗଙ୍କୁ ମିଳିଲା ୩ ଚକିଆ ସ୍କୁଟି


'ସମ୍ଭାବନା'ର କର୍ମକର୍ତ୍ତା ୩ ଚକିଆ ସ୍କୁଟି ପ୍ରଦାନ କରୁଛନ୍ତି।

କେନ୍ଦୁଝର, ୨୩।୯(ସ୍ୱ.ପ୍ର.)

ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସମ୍ଭାବନା' ପକ୍ଷରୁ ଏକ ନୂଆ ପ୍ରୟାସ ହାତକୁ ନିଆଯାଇଛି। ରବିବାର ଜଗନ୍ନାଥପୁରର ଦିବ୍ୟାଙ୍ଗ ଯୁବକ ଅଭୟ କୁମାର ଜେନାଙ୍କୁ ତାଙ୍କ ଦୈନନ୍ଦିନ କାର୍ଯ୍ୟକୁ ସୁଗମ କରିବା ପାଇଁ ସଙ୍ଗଠନ ପକ୍ଷରୁ ଏକ ୩ ଚକିଆ ସ୍କୁଟି ପ୍ରଦାନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମ ପରେ ସଙ୍ଗଠନ ପକ୍ଷରୁ କେନ୍ଦୁଝରଗଡ ପୌରପାଳିକା ଭାଲୁକିପତଳାସ୍ଥିତ ଡିଏଭି ସ୍କୁଲ ପରିସରରେ ବୃକ୍ଷରୋପଣ କରାଯାଇଥିଲା।

ଉଭୟ କାର୍ଯ୍ୟକ୍ରମ ସମ୍ଭାବନାର ସଭାପତି ସୌମ୍ୟଶଙ୍କର ଚକ୍ରଙ୍କ ନେତୃତ୍ୱରେ ସମ୍ପାଦିକା ରୁପାଲି ପଟ୍ଟନାୟକ ଚକ୍ର, ଉପସଭାପତି ଆଶିଷ କୁମାର ଆଚାର୍ଯ୍ୟ, କୋଷାଧକ୍ଷ ଜ୍ୟୋତିରଞ୍ଜନ ମିଶ୍ର, ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଉପାଧକ୍ଷା ମୀନା ମାଝି, ଅଜୟ ଦାଶ, ବିଘ୍ନରାଜ ସାହୁ, ବିଧାନ ପ୍ରଧାନ, ସଞ୍ଜୟ ଦାସ, ବାସୁଦେବ ଜେନା, ବାବି ରାଉତ, ସଞ୍ଜୀବ ସାହୁ, ସରୋଜ ଦୀକ୍ଷିତ, ଚିନ୍ମୟ ସାହୁ, ଜଗଦୀଶ ଆପଟ, ମନୋରଞ୍ଜନ ଦାସ, ପରେଶ ସାହୁ, ମହେଶ୍ୱର ବେହେରା, ସଦାଶିବ ସାମଲ, ପପୁ ମହାନ୍ତି, ଜିତୁନ୍ ଦାସ, ସନ୍ତୋଷ ପାଣିଗ୍ରାହୀ, ଅଭିଷେକ ରାଉତ, ଦେବାଶିଷ ଦାସ, ଅଭିଷେକ ଦାସ, ଅବିନାଶ ପଟ୍ଟନାୟକ, କୀର୍ତ୍ତି ଅନୁରାଗ ଷେଣ୍ଡ, ବିଶ୍ୱନାଥ ବେହେରା, ସୋମନାଥ ବେହେରା, ହେମନ୍ତ ମହାନ୍ତ, ସୁନାରାମ ମୁର୍ମୁ, ମୃତ୍ୟୁଞ୍ଜୟ ରଣା ପ୍ରମୁଖ ଉପସ୍ଥିତ ଥିଲେ।

# ନାବାଳିକାଙ୍କୁ ଅନ୍ତଃସତ୍ତ୍ୱା କରି ଯୁବକ ଫେରାର

ଯୋଡ଼ା, ୨୩।୯(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡ଼ା ଅଞ୍ଚଳର ଜଣେ ନାବାଳିକାଙ୍କୁ ଜଣେ ଯୁବକ ଅନ୍ତଃସତ୍ତ୍ୱା କରି ଫେରାର ହେବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ମିଳିଥିବା ସୂଚନାନୁଯାୟୀ, ନାବାଳିକାଙ୍କ ମା' ଜଣେ ବ୍ୟକ୍ତିଙ୍କୁ ବିବାହ କରିବା ପରେ ତାଙ୍କ ବାପା ଦ୍ୱିତୀୟ ବିବାହ କରିଥିଲେ। ଫଳରେ ନାବାଳିକାଙ୍କୁ ତାଙ୍କ ବାପା ଯୋଡ଼ାରେ ରହୁଥିବା ଜଣେ ରଙ୍ଗମିସ୍ତ୍ରି ପାଖରେ ଛାଡ଼ି ଦେଇଥିଲେ। ରଙ୍ଗମିସ୍ତ୍ରି ଜଣଙ୍କ ନାବାଳିକାଙ୍କ ସହ ୧ ବର୍ଷ ଧରି ଯୌନ ସମ୍ପର୍କ ରଖିଆସୁଥିଲେ। ଶନିବାର ନାବାଳିକା ଜଣଙ୍କ ଶାରୀରିକ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ସ୍ଥାନୀୟ ଡାକ୍ତରଖାନା ନିଆଯାଇଥିଲା। ରକ୍ତହୀନତା ଜଣାପଡ଼ିବା ପରେ ତାଙ୍କୁ ସେଠାରେ ଏକ ବୋତଲ ରକ୍ତ ଦିଆଯାଇଥିଲା। ସେ ୬ ମାସର ଅନ୍ତଃସତ୍ତ୍ୱା ଥିବା ଜଣାପଡିଛି। ଉକ୍ତ ଘଟଣା ଲୋକଲୋଚନକୁ ଆସିବା ପରେ ଚାଇଲ୍ଡ ୱେଲଫେୟାର କମିଟି ସଦସ୍ୟା ବବିତା ମହାନ୍ତ ଓ ଯୋଡ଼ା ପୋଲିସ ନାବାଳିକାକୁ ଭେଟିବାକୁ ଯାଇଥିଲେ। ଘରେ ନାବାଳିକା ଜଣଙ୍କ ଅନୁପସ୍ଥିତ ଥିବାରୁ ତାଙ୍କୁ ଉଦ୍ଧାର କରାଯାଇପାରି ନ ଥିବା ଚାଇଲ୍ଡ ଲାଇନ ସଦସ୍ୟା ବବିତା ପ୍ରକାଶ କରିଛନ୍ତି।

ଏ ନେଇ ଯୋଡା ଥାନା ଅଧିକାରୀ ମନୋଜ କୁମାର ରାଉତଙ୍କୁ ପଚାରିବାରୁ ଅଭିଯୁକ୍ତକୁ ଖୋଜା ଚାଲିଛି। ଖୁବ୍‌ଶୀଘ୍ର ଥାନାକୁ ଆଣି ପଚରାଉଚୁରା କରାଯିବ। ଚାଇଲ୍ଡ ଲାଇନର ଏନଜିଓ ସଂସ୍ଥା ପ୍ରକଳ୍ପର ଟିମ ଲିଡର ପୂର୍ଣ୍ଣଚନ୍ଦ୍ର ବେହେରାଙ୍କୁ ପଚାରିବାରୁ ଶନିବାର ସଂସ୍ଥା ପକ୍ଷରୁ ଯୋଡା ପୋଲିସର ସହାୟତାରେ ନାବାଳିକାଙ୍କୁ ଉଦ୍ଧାର କରିବା ପାଇଁ ସଦସ୍ୟାମାନେ ଯାଇଥିଲେ। ଜିଲା ଚାଇଲ୍ଡ ୱେଲଫେୟାର କମିଟିର ଚେୟାରମ୍ୟାନ ନ ଥିବାରୁ ସେମାନେ ତାଙ୍କୁ ଆଣିବା ପାଇଁ ମନା କରିଦେଇଥିଲେ। ନାବାଳିକାଙ୍କୁ ଉଦ୍ଧାର କାର୍ଯ୍ୟରେ ଯୋଡା ସମନ୍ୱିତ ଶିଶୁ ବିକାଶ ସଂସ୍ଥା ପକ୍ଷରୁ ସାହାଯ୍ୟ କରାଯାଉ ନ ଥିବା ସେ ଅଭିଯୋଗ କରିଥିଲେ।

# ଦାରିଦ୍ର୍ୟ ତାଡ଼ନା ; ଭିକ୍ଷାବୃତ୍ତିରେ ଶିଶୁ

ଆନନ୍ଦପୁର, ୨୩।୯(ସ୍ୱ.ପ୍ର.)

ଆନନ୍ଦପୁର ଅଞ୍ଚଳରେ ଅନେକ ଶିଶୁ ଦାରିଦ୍ର୍ୟତା କାରଣରୁ ଭିକ୍ଷାବୃତ୍ତିରେ ନିୟୋଜିତ ହେଉଥିବା ଅଭିଯୋଗ ହେଉଛି। ବିଭାଗୀୟ ଓ ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟିରେ ଶିଶୁମାନେ ଭିକ୍ଷାବୃତ୍ତିରେ ନିବୃତ ଥିଲେ ବି କେହି ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ସହଜ ଉପାୟରେ ଅର୍ଥ ରୋଜଗାର କରିବାର ପନ୍ଥାକୁ ଆପଣେଇବାକୁ ଶିଶୁମାନେ ପଛାଉନାହାନ୍ତି। ଦୋକାନ କଡ଼ରେ ବଜାରରେ ଜଗିବସି ପରିବାରର ମା'ବାପା ଶିଶୁମାନଙ୍କୁ ଉକ୍ତ କାର୍ଯ୍ୟରେ ନିୟୋଜିତ କରୁଛନ୍ତି। କୋମଳମତି ଶିଶୁମାନେ ସେମାନଙ୍କ ପ୍ରରୋଚନାରେ ପଡି ହାତ ପତେଇ ଖାଇବାକୁ ମାଗୁଛନ୍ତି। କୋମଳମତି ଶିଶୁମାନଙ୍କୁ ଦେଖି ଯାତ୍ରୀମାନେ ନିଜ ପକେଟରୁ କିଛି ଅର୍ଥ ବାହାର କରି ଦେଉଛନ୍ତି।

ଏହିପରି ଦୃଶ୍ୟ ଦୈନିକ ଆନନ୍ଦପୁରର ଫକୀରମୋହନ ବଜାର, ଷ୍ଟେଟ ବ୍ୟାଙ୍କ ସମ୍ମୁଖ, ଆନନ୍ଦପୁର ୧ ନଂ ବସ୍‌ଷ୍ଟାଣ୍ଡ ଖପରାଖାଇଠାରେ ଦେଖିବାକୁ ମିଳୁଛି। ପରୀ –୨ କାର୍ଯ୍ୟକ୍ରମ ମାଧ୍ୟମରେ ପୋଲିସ ପ୍ରଶାସନ ଦ୍ୱାରା ବିଭିନ୍ନ ସ୍ଥାନରୁ ଶିଶୁ ଶ୍ରମିକ, ହଜି ଯାଇଥିବା ପିଲାଙ୍କୁ ଉଦ୍ଧାର କରାଯାଉଛି। ଥାନା ନିକଟରେ ଶିଶୁମାନେ ଭିକ୍ଷାବୃତ୍ତିରେ ନିୟୋଜିତ ଥିବା ବେଳେ ପୋଲିସ କୌଣସି ପଦକ୍ଷେପ ନେଉନି। ପ୍ରଶାସନ ପକ୍ଷରୁ ଏହି ଦିଗରେ ଦୃଷ୍ଟି ଦେଇ ପିଲାମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା ଜରୁରୀ ଆବଶ୍ୟକ ହୋଇପଡିଛି।



ଖପରାଖାଇ ବସଷ୍ଟାଣ୍ଡରେ ଭିକ୍ଷାବୃତ୍ତି କରୁଛନ୍ତି ଜଣେ ଶିଶୁ।

# 'ମୋ ସ୍କୁଲ ଅଭିଯାନ'ରେ ପ୍ରଥମ

### ସବୁଠୁ ନିଆରା
- ସବୁଜ ପରିବେଶରେ ଶିବନାରାୟଣପୁରଗୋଡ଼ା ହାଇସ୍କୁଲ
- ସର୍ବାଧିକ ଆର୍ଥିକ ସହାୟତା ଦେଇଛନ୍ତି ଛାତ୍ରୀଛାତ୍ର
- ଏଠାରେ ପାଠପଢ଼ି ସୃଷ୍ଟି ହୋଇଛନ୍ତି ଅନେକ ପ୍ରତିଭା

କେନ୍ଦୁଝର, ୨୩।୯ (ସ୍ୱ.ପ୍ର.)

'ମୋ ସ୍କୁଲ ଅଭିଯାନ'ରେ କେନ୍ଦୁଝର ଜିଲା ତେଲକୋଇ ବ୍ଲକ ଶିବନାରାୟଣପୁରଗୋଡ଼ା ଗ୍ରାମର ରାଧାକୃଷ୍ଣ ସରକାରୀ ହାଇସ୍କୁଲ ସର୍ବାଧିକ ୨.୯୧ ଲକ୍ଷ ଟଙ୍କା ଜମା କରି ଅଦ୍ୟାବଧି ସର୍ବାଗ୍ରେ ରହି ସ୍ୱତନ୍ତ୍ର ସ୍ଥାନ ବଜାୟୀ ରଖିଛି। ଗତ ୧୫ ତାରିଖ ସୁଦ୍ଧା ଜିଲାର ୨୩ ବିଦ୍ୟାଳୟରେ ଉକ୍ତ ଅଭିଯାନ ଆରମ୍ଭ ହୋଇ ବ୍ୟାଙ୍କ ଜମାଖାତା ଖୋଲାଯାଇଥିଲା। ତନ୍ମଧ୍ୟରୁ ରାଧାକୃଷ୍ଣ ସରକାରୀ ଉଚ୍ଚବିଦ୍ୟାଳୟର ପୂର୍ବତନ ଛାତ୍ରୀଛାତ୍ର ସର୍ବାଧିକ ଆର୍ଥିକ ସହୟତା ପ୍ରଦାନ କରିଥିବାରୁ ସାଧାରଣରେ ସ୍ୱାଗତ କରାଯାଇଛି। କେନ୍ଦୁଝର ଜିଲାମୁଖ୍ୟାଳୟଠାରୁ ପ୍ରାୟ ୬୦ କି.ମି. ଦୂର ଓ ତେଲକୋଇ ମୁଖ୍ୟାଳୟଠାରୁ ୧୨ କି.ମି. ଦୂର ବଣପାହାଡ଼ ଘେରା ଅଞ୍ଚଳରେ ଉକ୍ତ ବିଦ୍ୟାଳୟ ରହିଛି। ୧୮୮୦ରେ ପ୍ରତିଷ୍ଠିତ ସମ୍ପୃକ୍ତ ବିଦ୍ୟାଳୟର ସବୁଜ ପରିବେଶ ଓ ଆକର୍ଷଣୀୟ ପରିସର ଅନ୍ୟ ବିଦ୍ୟାଳୟଠାରୁ ନିଆରା। 'ମୋ ସ୍କୁଲ ଅଭିଯାନ' କେନ୍ଦୁଝର ଜିଲାରେ ଜୁନ ୬, ୨୦୧୮ରେ ଆରମ୍ଭ ହୋଇଥିଲା। ଅଦ୍ୟାବଧି ୪୩ ବିଦ୍ୟାଳୟରେ ଗଠନ


ଶିବନାରାୟଣପୁର ଗୋଡ଼ାସ୍ଥିତ ରାଧାକୃଷ୍ଣ ସରକାରୀ ହାଇସ୍କୁଲ।

କରାଯାଇ ପାଖାପାଖି ୨୦ ଲକ୍ଷ ଟଙ୍କା ସଂଗ୍ରହ ହୋଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଖଗେଶ୍ୱର ମହାନ୍ତ ସମ୍ପୃକ୍ତ ବିଦ୍ୟାଳୟର ପୁରାତନ ଛାତ୍ର ହୋଇଥିବାରୁ ୩୦ ହଜାର ଟଙ୍କା ଏବଂ ଶିକ୍ଷକ ହୃଶିକେଶ ମହାନ୍ତ ଅଭିଯାନକୁ ୨୫ ହଜାର ଟଙ୍କା ଅନୁଦାନ ଦେଇ ଦୃଷ୍ଟାନ୍ତ ହୋଇପାରିଛନ୍ତି। ଏହି ବିଦ୍ୟାଳୟରୁ ବହୁ ପୁରାତନ ଛାତ୍ରୀଛାତ୍ର ବିଭିନ୍ନ ସ୍ଥାନରେ ଚାକିରି କରୁଛନ୍ତି। ଭଲ ପାଠପଢ଼ି ସୃଷ୍ଟି ହୋଇପାରିଛନ୍ତି ଅନେକ ପ୍ରତିଭା।

'ମୋ ସ୍କୁଲ ଅଭିଯାନ' ଦାୟିତ୍ୱରେ ଥିବା ଶିକ୍ଷକ ହୃଶିକେଶ କହିଛନ୍ତି ଯେ, ଅଭିଯାନ ସମ୍ପର୍କରେ ବୈଠକ ଡକାଯାଇଥିଲା। ପୁରାତନ ଛାତ୍ରୀଛାତ୍ର ସେମାନଙ୍କ ସାମର୍ଥ୍ୟ ମୁତାବକ ଅର୍ଥ ଦେଇଛନ୍ତି। ଉକ୍ତ ବିଦ୍ୟାଳୟରୁ ପାଠପଢି ରେଳବାଇ ବିଭାଗରେ କାମ କରିଥିବା ଅନାମ ଚରଣ ମୁଣ୍ଡା ୧୦ ହଜାର ଟଙ୍କା ଦେଇଛନ୍ତି। ମିଲିଟାରୀରେ କାମ କରୁଥିବା ଚନ୍ଦ୍ରଭାନୁ ନାଏକ ମଧ୍ୟ ୧୦ ହଜାର ଟଙ୍କା ଦେଇଥିବା ଜଣାପଡ଼ିଛି। ରସାନନ୍ଦ ମହାନ୍ତ ନାମକ ଜଣେ ଫାର୍ମାସିଷ୍ଟ, ଆସନବନ୍ଧୁ ଦେହୁରି ଜଣେ ଟ୍ରକ୍ ଚାଳକ ହୋଇ ବି ଏହି ଅଭିଯାନକୁ ୧୦ ହଜାର ଟଙ୍କା ଲେଖାଁଏ ପ୍ରଦାନ କରିଛନ୍ତି। ବିଶ୍ୱନାଥ ସେଠୀ ନାମକ ଜଣେ ଦୋକାନୀ, ଜୟରାମ ସାହୁ ଜଣେ ଠିକାଦାର ସମେତ ଅନ୍ୟମାନେ ୫ ହଜାର ଟଙ୍କା ଲେଖାଁଏ ପ୍ରଦାନ କରିଛନ୍ତି। ଅଭିଯାନର ଜିଲା ସଂଯୋଜକ ବିଭୁ ପ୍ରସାଦ ସେନାପତି କହିଛନ୍ତି, ବହୁ ବିଦ୍ୟାଳୟ ସମ୍ପୃକ୍ତ ଅଭିଯାନରେ ସାମିଲ ହେବାକୁ ଆଗ୍ରହ କରିବା ସହ ବ୍ୟାଙ୍କ ଖାତା ଖୋଲିଲେଣି। ମିଳିଥିବା ଅର୍ଥରେ ବିଦ୍ୟାଳୟର ଭିତ୍ତିଭୂମି ଆଦିର ବିକାଶ ହେବ। ସୂଚନାଯୋଗ୍ୟ, ଜିଲାରେ ୨୦୬ଟି ସରକାରୀ ଉଚ୍ଚ ବିଦ୍ୟାଳୟ, ୪୦ଟି ଅନୁଦାନ ପ୍ରାପ୍ତ ଉଚ୍ଚବିଦ୍ୟାଳୟ, ୧୫୬ଟି ବ୍ଲକ ଗ୍ରାଣ୍ଟ ଉଚ୍ଚ ବିଦ୍ୟାଳୟ ଏବଂ ୨୬ଟି ଏସଟି/ଏସସି ବିଭାଗ ଅଧୀନରେ ଉଚ୍ଚ ବିଦ୍ୟାଳୟ ରହିଛି।